ସକାଳ THE SAKALA



## ରେଙ୍ଗାଲିରେ ପ୍ରଣବଙ୍କ ନିର୍ବାଚନୀ ସଭା

# ବିରୋଧୀ ବିକାଶ ଚାହାନ୍ତି ନାହିଁ, କେବଳ ଭୋଟ ଚାହାନ୍ତି








**ସମ୍ବଲପୁର/ରେଙ୍ଗାଲି,୧୯।୪ (ସମିସ)**

ବିଶ୍ୱ ଦରବାରରେ ଓଡ଼ିଶା ୧ ନମ୍ବର ସ୍ଥାନରେ ପହଞ୍ଚି ପାରିଛି। ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଓଡ଼ିଆ ଜାତି ଓ ଓଡ଼ିଶାର କୋଣ ଅନୁକୋଣ ବିକଶିତ ହେଉଥିବାରୁ ୨୫ ବର୍ଷ ଧରି ଆପଣମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛିଛନ୍ତି। ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ରାଜ୍ୟରେ ମେଣ୍ଟ ସରକାର ଥିଲା। ସେ ସମୟର ବିକାଶ ଲୋକେ ଦେଖିଛନ୍ତି ଏବଂ ତା' ପରେ ହୋଇ ଆସୁଥିବା ବିକାଶ, ପ୍ରଗତି ମଧ୍ୟ ଦେଖୁଛନ୍ତି। ଏଥିରେ ଆକାଶ-ପାତାଳ ଭଳି ପାର୍ଥକ୍ୟ ରହିଛି। ବିରୋଧୀ ଓଡ଼ିଶାର ବିକାଶ ଚାହାନ୍ତି ନାହିଁ, କେବଳ ଭୋଟ ଚାହାନ୍ତି।

ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଠେମେରା ସାଧାରଣ ସଭାରେ ଏପରି କହିବା ସହ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ସେ କହିଥିଲେ ଯେ ମହିଳା, ଯୁବ, ଛାତ୍ର, ଚାଷୀ ସମସ୍ତଙ୍କ ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଓଡ଼ିଶା ହେଉଛି ସିନ୍ଧୁ, ପ୍ରତ୍ୟେକ ଜାତୀୟ ଦଳ ପାଇଁ ଏକ ବିନ୍ଦୁ। ତାରତମ୍ୟର ପରିଭାଷା ଉପରେ କହିବାକୁ ଗଲେ ପଶ୍ଚିମ ଓଡ଼ିଶାରୁ ୫ଜଣ ଲୋକସଭା ପ୍ରାର୍ଥୀଙ୍କୁ ଜନସାଧାରଣ ନିର୍ବାଚିତ କରିଛନ୍ତି। ଆପଣମାନେ କ'ଣ ପାଇଛନ୍ତି ବୋଲି ଶ୍ରୀ ଦାସ ଓଲଟା ପ୍ରଶ୍ନ କରିଥିଲେ। ବିରୋଧୀଙ୍କୁ ଲକ୍ଷ୍ୟ କରି ଦିନେ ହେଲେ ଅଞ୍ଚଳରେ କାହା ସହିତ ସେମାନେ ଛିଡ଼ା ହେଲେ ନାହିଁ। ହେଲେ ଆମ ଦଳର ସ୍ଥାନୀୟ ନେତାମାନେ ଆପଣଙ୍କ ସୁଖଦୁଃଖରେ ସାଥୀ ହୋଇ କାମ କରୁଛନ୍ତି। ମନ୍ଦିର, ଚର୍ଚ୍ଚ, ମସଜିଦ ସବୁ ଅନୁଷ୍ଠାନରେ ଅନୁଦାନ ଦିଆଯାଇଛି। ଏଠିକାର ବିଧାୟକ, ମନ୍ତ୍ରୀ ଥାଇ ବିକାଶ ହୋଇପାରିଲା ନାହିଁ। ୫୫ ନମ୍ବର ଜାତୀୟ ରାଜପଥ ସମ୍ବଲପୁର-ଅନୁଗୋଳ ରାସ୍ତା କାମ ସରୁନାହିଁ। ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇ ସାରିଛି। ଆଉ କେତେ ମୁଣ୍ଡ ଗଡ଼ିବ, ତା' ବି ଜଣାନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତି ବ୍ଲକରେ ହୋଇପାରିଲା ନାହିଁ। ହେଲେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ହାଇସ୍କୁଲକୁ '୫-ଟି'ରେ ରୂପାନ୍ତରିତ କରିଛନ୍ତି। ୫ ବର୍ଷ ହେଲା ଆପଣମାନେ ବାଟ ହୁଡ଼ି ସାରିଛନ୍ତି। ଆପଣମାନେ ଜଣେ ବିଧାୟକ ଓ ଜଣେ ସାଂସଦଙ୍କୁ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରନ୍ତୁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବନ୍ଦ କରିଦେଲେ। ବିଶେଷଭାବେ ପଶ୍ଚିମ ଓଡ଼ିଶାରେ ଆବାସ ଯୋଜନା ଦିଆଗଲା ନାହିଁ। ଏଠିକାର ସାଂସଦମାନେ ଫଟୋ ଉଠାଇ ଆବାସ ଯୋଜନା ବନ୍ଦ କରିଦେଇଛନ୍ତି। ବିରୋଧୀ ଓଡ଼ିଶାର ବିକାଶ ଚାହାନ୍ତି ନାହିଁ, କେବଳ ଭୋଟ ଚାହାନ୍ତି। ଏବେ ଆପଣଙ୍କ ସମୟ ଆସିଛି। ଆପଣମାନେ ନିର୍ଣ୍ଣୟ ନିଅନ୍ତୁ ଆଉ ଶପଥ କରନ୍ତୁ ଗୋଟିଏ ଭୋଟ ବିଧାୟକ ଓ ଗୋଟିଏ ଭୋଟ ଏମପିଙ୍କୁ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଆଶୀର୍ବାଦ କରନ୍ତୁ। ଏଭଳି ଜନସମାଗମ ଦେଖି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲ ପାଇବା ରହିଥିବା ପ୍ରମାଣିତ କରିଛି ବୋଲି ଶ୍ରୀ ଦାସ କହିଥିଲେ। ପୂର୍ବତନ ବିଧାୟକ ରମେଶ ପଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ, ବିଶାଳ ଦାସ, ଦେବେନ ପତି, ଏମବି ସତ୍ୟେନ, ରାମ ସାଗର ସାହୁ, ହେମନ୍ତ ପଣ୍ଡାଙ୍କ ସମେତ ରେଙ୍ଗାଲି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଉପସ୍ଥିତ ରହି ଜନ ସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଗସ୍ତ ସମୟରେ ପ୍ରଣବ ପ୍ରକାଶ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବୀର ସୁରେନ୍ଦ୍ର ସାଏଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷାତ କରିଛନ୍ତି। ରେଙ୍ଗାଲି ଦୁର୍ଗା ମନ୍ଦିରକୁ ଯାଇ ମାଁଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବା ସହ ରେଙ୍ଗାଲି ଧର୍ମଶାଳାଠାରେ ମାରୱାଡ଼ି ସମାଜ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଫେରି ଠେମେରା ସାଧାରଣ ସଭାରେ ଯୋଗଦେଇ ତାଲବଠାରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଦର୍ଶନ କରିଥିଲେ। ଠେମରାରେ ଗୋପୀ ବାବୁଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିବା ବେଳେ ସକାଳେ ବୀର ସୁରେନ୍ଦ୍ର ସାଏଙ୍କ ଦାୟାଦଙ୍କ ଘରେ ଜଳଖିଆ ଖାଇ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଠେମରା ଅଲେଖ ମହିମା ମଠ, ରାମଚଣ୍ଡୀ ମନ୍ଦିର ଓ ଚିପିଲିମା ଘଣ୍ଟେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ ମଧ୍ୟ କରିଥିଲେ। ଚିପିଲିମାରେ ଏକ ବିଶାଳ ବାଇକ ରାଲିରେ ପ୍ରଣବ ପ୍ରକାଶଙ୍କୁ ପାଛୋଟି ନିଆଯାଇଥିଲା।

**ସାଂସଦମାନେ ଆବାସ ଯୋଜନା ବନ୍ଦ କଲେ**
**ମୁଖ୍ୟମନ୍ତ୍ରୀଙ୍କ ପାଇଁ ଓଡ଼ିଶା ସିନ୍ଧୁ, ଅନ୍ୟଙ୍କ ପାଇଁ ବିନ୍ଦୁ**
**ଆଜି ବିଶ୍ୱରେ ଓଡ଼ିଶା ୧ ନମ୍ବର**



## ମାନସିକ ରୋଗୀଙ୍କୁ ଥଇଥାନ କଲା ପ୍ରଶାସନ

**ନାକଟିଦେଉଳ, ୧୯।୪(ସମିସ):** ନାକଟିଦେଉଳ ବ୍ଲକ ବାଟଗାଁ ଛକରେ ରାଜୁ, ଶିମିଳିପାଳ ଛକରେ ପୀତବାସ ଏବଂ ଗୋଧିଡ଼ିପ ଛକରେ ରୀନା ବିଶ୍ୱାଳ ଓ ସଞ୍ଜୁ ନାଏକ ନାମକ ଚାରି ଜଣ ମାନସିକ ରୋଗୀ ଗତ କିଛିଦିନ ହେଲା ଅସହାୟ ଅବସ୍ଥାରେ ଏଣେତେଣେ ବୁଲୁଥିଲେ। ମାନସିକ ଭାରସାମ୍ୟ ହରାଇ କାହା ଘର ବାରଣ୍ଡାରେ ତ କାହା ଦୋକାନ ବାରଣ୍ଡାରେ ଶୋଉଥିଲେ। କିଏ କେତେବେଳେ ଖାଇବାକୁ ଦେଲେ ଖାଉଥିଲେ। ଦେହରେ ବସ୍ତ୍ର ନଥିବା ବେଳେ ନଖାଇ ନପିଇ ରହୁଥିଲେ। ଏମାନଙ୍କ ବିଷୟରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ କାହ୍ନ ବେହେରା ଏବଂ ବିଶ୍ୱରଞ୍ଜନ ନାଏକ ମୁଖ୍ୟମନ୍ତ୍ରୀ, ୫ଟି ଅଧ୍ୟକ୍ଷ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ଟ୍ୱିଟ କରି ଜଣାଇଥିଲେ। ଏହାପରେ ଏହି ଘଟଣାକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମର୍ଥ' ଏହି ମାନସିକ ରୋଗୀଙ୍କୁ ସ୍ଥାନୀୟ ସମାଜସେବୀଙ୍କ ସହଯୋଗରେ ଉଦ୍ଧାର କରାଯାଇଥିଲା ଏବଂ ସେମାନଙ୍କୁ ସମ୍ବଲପୁର ସହର ଧନୁପାଲି ମାନସିକ ରୋଗୀ ଥଇଥାନ କେନ୍ଦ୍ର 'ସମର୍ଥ'ରେ ରଖାଯାଇଛି।



## ନିଖୋଜ ମାନସିକ ଅନଗ୍ରସର ଝିଅ ଉଦ୍ଧାର

**କୁଚିଣ୍ଡା, ୧୯।୪(ସମିସ):** ଗତ ୧୪ତାରିଖ ଗୁରୁବାର ଦିନ ଭିକାରୀ ମନ୍ଦୋଦରୀ(୬୦) କେଛୋପାଣି ଥାନା ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ ଯେ, ୧୪ ତାରିଖ ତାଙ୍କ ମାନସିକ ଅନଗ୍ରସର ଝିଅ ଗୋମତୀ ମନ୍ଦୋଦରୀ(୩୩) ଘରେ କାହାରିକୁ ନ ଜଣାଇ କୁଆଡ଼େ ପଳେଇ ଯାଇଥିଲେ। ଏ ସଂକ୍ରାନ୍ତରେ ଗୋବିନ୍ଦପୁର ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ତଦନ୍ତ କରି ଖବର ବାହାର କରି ଉକ୍ତ ନିଖୋଜ ମହିଳା ଙ୍କ ପରିବାର ବର୍ଗ ସହ ଗୋବିନ୍ଦପୁର ପୋଲିସ, ଛତିଶଗଡ଼ ର କାଁକେର ଜିଲ୍ଲା ଅନ୍ତର୍ଗତ ପଖନଯୋର ଥାନା କୁ ଯାଇ ସେଠାରୁ ନିଖୋଜ ଗୋମତୀ ମନ୍ଦୋଦରୀ(୩୩)ଙ୍କୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଆଣି ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ହାଇୱା ଦୁର୍ଘଟଣା, ଡ୍ରାଇଭର ମୃତ



**ନାକଟିଦେଉଳ, ୧୯।୪(ସମିସ):** ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଧଳପୁର ନିକଟରେ ଏକ ହାଇୱା ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭରର ମୃତ୍ୟୁ ହୋଇଛି। ମୃତକ ଡ୍ରାଇଭର ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଡୁଡୁମ ଗ୍ରାମର ରଞ୍ଜନ ବେହେରା ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଏକ ରାସ୍ତା ନିର୍ମାଣକାରୀ ସଂସ୍ଥାର ହାଇୱା (ଓଡି ୧୫ ଏକ୍ସ ୪୬୬୮) ନମ୍ବର ବିଶିଷ୍ଟ ହାଇୱା ମେଟାଲ ନେଇ ସମ୍ବଲପୁର ପଟରୁ କିସିଣ୍ଡା ଅଭିମୁଖେ ଯାଉଥିଲା। ତେବେ ଧଳପୁର ଛକରେ ଭରସାମ୍ୟ ହରାଇ ଓଲଟି ପଡ଼ି ରାସ୍ତା ଡିଭାଇଡ଼ରରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। କିସିଣ୍ଡା ଥାନାଧିକାରିଣୀ ଅଞ୍ଜଳି କୁମ୍ଭାର ଘଟଣାର ତଦନ୍ତ କରୁଛନ୍ତି।

## ବିଜେଡି କର୍ମୀମାନଙ୍କୁ ନେଇ ନିର୍ବାଚନୀ ପ୍ରସ୍ତୁତି

**ରେଢ଼ାଖୋଲ, ୧୯।୪(ସମିସ):** ସ୍ଥାନୀୟ ଦେହୁରୀସାହି ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଶୁକ୍ରବାର ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ରେଢ଼ାଖୋଲ ଏନ୍‌ଏସି କର୍ମୀମାନଙ୍କୁ ନେଇ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢ଼ାଖୋଲ ବିଜେଡ଼ି ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ସମ୍ବଲପୁର ଜିଲ୍ଲା ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ କିପରି ଆଗାମୀ ନିର୍ବାଚନରେ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟଦେଇ ବିପୁଳ ଭୋଟରେ ବିଜୟ ଲାଭ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ସମ୍ପାଦକ ପୁରୁଷୋତ୍ତମ ଅଗ୍ରୱାଲ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ବିଜେଡ଼ି ଯୁବ ନେତା ରାଜୀବ ଲୋଚନ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, ଚିନ୍ମୟ ପଣ୍ଡା, ଖିରୋଦ ଖିଲାରୀ, ସନ୍ୟାସୀ ନାୟକ, ଶୁକଦେବ ପୁଲେଇ, ଦତ୍ତ କୁମାର ବିଶ୍ୱାଳ, ସୁନୀଲ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ରଞ୍ଜିତ ଖାନସମା, ଦକ୍ଷ ବେହେରା, ସୁରେଶ ମହାକୁଡ଼, ସତ୍ୟ ନାରାୟଣ ସାହୁ, ନନ୍ଦୁ ମିରୀ, ସଚିନ ପ୍ରଧାନ, ବଶିଷ୍ଠ ରାଉତ ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡ଼ି ସକ୍ରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



## ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରି: ୨ ଗିରଫ

**ରେଙ୍ଗାଲି, ୧୯।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ସପନେ ଗ୍ରାମ ମେଗା ଜଳ ପ୍ରକଳ୍ପରେ ଥିବା ୧୧କେଭି ର ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରି ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କୁର୍ଲା ଗ୍ରାମର ବିଶ୍ୱଜିତ୍ କୁଅଁର ଓ ଆଲୋକ କୁଅଁର। ଉକ୍ତ ପ୍ରକଳ୍ପରୁ ୧୬ତାରିଖ ରାତିରେ ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରୀ ହୋଇଥିବା ରେଙ୍ଗାଲି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ କରି ବିଶ୍ୱଜିତ ଓ ଆଲୋକଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଞ୍ଚଳ ରେ ଦୀର୍ଘଦିନରୁ ଏପରି ଚୋରାଚାଲାଣ ହୋଇଆସୁଛି।

## ଅବକାରୀ ଚଢ଼ଉ: ବିପୁଳ ପୋଚ ନଷ୍ଟ

**କୁଚିଣ୍ଡା, ୧୯।୪(ସମିସ):** ଗୁରୁବାର ଗୋବିନ୍ଦପୁର ଥାନା ହରିପଢ଼ା ଜଙ୍ଗଲରେ ମଦ ରନ୍ଧା ହେଉଥିବା ଖବରପାଇ କୁଚିଣ୍ଡା ଅବକାରୀ ବିଭାଗ ଚଢ଼ଉ କରିଥିଲା। ତେବେ ଚଢ଼ଉ ସମୟରେ ସେଠାରେ କେହି ନଥିଲେ। ସେଠାରୁ ୨କ୍ୱିଣ୍ଟାଲ ପାଖାପାଖି ମହୁଲ ପୋଚ, ମଦ ରନ୍ଧା ସାମଗ୍ରୀ ଜବତ କରିଥିଲା। ସେହିପରି କୁଚିଣ୍ଡା ପୁଲିସ ବାବେଯୁରୀ ଜଙ୍ଗଲ ଅଞ୍ଚଳରୁ ପ୍ରାୟ ୩କ୍ୱିଣ୍ଟାଲ ମହୁଲପୋଚ ନଷ୍ଟ କରିଥିଲା। କୁଚିଣ୍ଡା ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରିଥିଲେ।

## ଆଦିବାସୀଙ୍କ ମୁହଁରେ ହସ ଫୁଟାଉଛି ମହୁଲ ଫୁଲ

**ରେଢ଼ାଖୋଲ,୧୯।୪(ସମିସ)**

ରେଢ଼ାଖୋଲ ହେଉଛି ଆଦିବାସୀ ବହୁଳ ଅଞ୍ଚଳ। ଅଧିକାଂଶ ଲୋକ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଭରସା କରନ୍ତି। ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲ ହେଉଛି ଆଦିବାସୀଙ୍କ ଜୀବନଜୀବିକାର ଏକ ପ୍ରମୁଖ ଅଂଶ। ଫାଲଗୁନ ଶେଷ ସପ୍ତାହରୁ ଚୈତ୍ର ମାସ ପର୍ଯ୍ୟନ୍ତ ଅର୍ଥାତ ପ୍ରାୟ ଦେଢ଼ମାସ ଧରି ଗ୍ରାମାଞ୍ଚଳର ଆଦିବାସୀ ପରିବାର ମହୁଲଫୁଲ ସଂଗ୍ରହ କରି ଏକ ଅର୍ଥ ରୋଜଗାର ପନ୍ଥା ଅବଲମ୍ବନ କରିଥାନ୍ତି। ଏଥିପାଇଁ ଖରାଦିନ ଆସିଲେ ଆଦିବାସୀମାନଙ୍କ ମୁହଁରେ ହସ ଫୁଟେ। କାରଣ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରି ରୋଜଗାର ହୋଇଥାଏ। ମହୁଲ ଫୁଲ ଝଡ଼ିବା ପୂର୍ବରୁ ଜଙ୍ଗଲକୁ ଯାଇ ମହୁଲ ଗଛ ତଳ ଗୁଡ଼ିକୁ ଭଲ ଭାବରେ ସଫା କରିଥାନ୍ତି। ଭୋର୍ ୪ଟାରୁ ଉଠି ପରିବାର ସମସ୍ତ ଲୋକେ ଜଙ୍ଗଲକୁ ଯାଇ ମହୁଲଫୁଲ ସଂଗ୍ରହ କରି ଘରକୁ ଆଣି ୫/୬ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ଥାଆନ୍ତି। ତାହା ଶୁଖିଗଲା ପରେ ବଜାରକୁ ନେଇ କିଏ ବିକ୍ରି କରିଥାନ୍ତି ତ ଆଉକିଏ ମହୁଲ ଫୁଲ ଦେଇ ଖାଇବା ଲୁଣ, ତେଲ, ସାବୁନ ଇତ୍ୟାଦି ବଦଳାଇଥାନ୍ତି। ଯେଉଁଥିପାଇଁ କି ମହୁଲ ଫୁଲ ପରିବାରକୁ ରୋଜଗାର ଦିଏ ଓ ଖୁସିରେ ଜୀବନଯାପନ କରିବାରେ ସହାୟକ ହୁଏ। ବିଭିନ୍ନ ଜଙ୍ଗଲକୁ ଯାଇ ମହୁଲଫୁଲ ସଂଗ୍ରହ କରିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼େ। ତେବେ ପରିଶ୍ରମ ତୁଳନାରେ ଉଚିତ ପ୍ରାପ୍ୟ ମିଳୁ ନଥିବା ସେମାନେ କହନ୍ତି। ଉପଖଣ୍ଡ ସାପ୍ତାହିକ ହାଟମାନଙ୍କରୁ ବ୍ୟବସାୟୀ ଓ ଦଲାଲମାନେ ଅତି ଶସ୍ତାରେ ମହୁଲ ଫୁଲ କିଣୁଛନ୍ତି। ରେଢ଼ାଖୋଲ ଉପଖଣ୍ଡର ସମସ୍ତ ପଞ୍ଚାୟତରେ ମହୁଲ ଗଛ ରହିଛି। ତେଣୁ ମହୁଲ ଫୁଲକୁ ଆଦିବାସୀ ପରିବାରମାନେ ଏକ ବଡ଼ ଧରଣର ଆର୍ଥିକ ପନ୍ଥା ଭାବେ ଗ୍ରହଣ କରୁଥିଲେ ହେଁ ଅଭାବୀ ବିକ୍ରି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଅସୁବିଧା ହେଉଥିଲେ ସୁଦ୍ଧା ମହୁଲ ଫୁଲ ସେମାନଙ୍କ ମୁହଁରେ ହସ ଫୁଟାଉଛି।



ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



✓ ରବୀନ୍ଦ୍ର ନାଥ ଦାସ
(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)
ଆର୍ବିଭାବ- ୧୭.୦୫.୧୯୪୨
ତିରୋଧାନ: ୨୦.୦୪.୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୂତନ, ନୂପୁର ଓ ବନ୍ଧୁ ପରିଜନ

## କାର୍-ବାଇକ୍ ମୁହାଁମୁହିଁ ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

**ନୂଆପଡ଼ା, ୧୯ ।୪ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରୋଡ୍ ଜୋଙ୍କ ଥାନା ଅଧୀନ ଗୌତମା ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଫଟାମୁଣ୍ଡା ଗୋପାଳ ଗିରି (୫୦) । ତାଙ୍କ ଭଉଣୀ କୁମୁଦିନୀ ଗୋସ୍ୱାମୀ ଗୁରୁତର ହୋଇ ନୂଆପଡ଼ ମୁଖ୍ୟ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି ।

ଗୋପାଳ ବାଇକ୍‌ରେ ଛତିଶଗଡ଼ କୋମାଖାନ ଥାନା ଛିବ୍ରା ଗାଁରୁ ଭଉଣୀ କୁମୁଦିନୀଙ୍କୁ ନେଇ ଘରକୁ ଆସୁଥିଲେ; ହେଲେ ଗୌତମା ଛକରେ କାର୍ ଓ ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରୁ ଭାଇ ଓ ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଅମ୍ବୁଲାନ୍ସରେ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ଡାକ୍ତରଖାନରେ ଗୋପାଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି କାର୍ ଓ ବାଇକ୍ ଜବତ କରିଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବିନିକା, ୧୯ ।୪(ସମିସ):** ବିନିକା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ବାଞ୍ଛାନିଧି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିନିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଚଳ ମେହେର, ମୁଖ୍ୟବକ୍ତା ଭାବେ ବରଗଡ଼ ସରକାରୀ ମାଧ୍ୟମିକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ସ୍ନେହଲତା ନାଏକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଅଜିତ ସାମନ୍ତରାୟ ବାର୍ଷିକ ବିବରଣୀ ପଠନ କରିଥିଲେ । ଶେଷରେ ଶିକ୍ଷକ ଗୋପାଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକର୍ଷଣର କେନ୍ଦ୍ର ପାଲଟିଛି ଦିବ୍ୟାଙ୍ଗଙ୍କ ପରିଚାଳିତ କାଫେ

**ବରଗଡ଼, ୧୯।୪(ସମିସ)**

ଶୁଣି ପାରୁନାହାଁନ୍ତି କି କଥା କହି ପାରୁନାହାନ୍ତି । ଦିବ୍ୟାଙ୍ଗ ହେଲେ ମଧ୍ୟ ସେମାନ ସବୁ କାର୍ଯ୍ୟରେ ସିଦ୍ଧହସ୍ତ । ଚା, କଫି ଠାରୁ ଆରମ୍ଭ କରି ସବୁକିଛି ନିଜ ହାତରେ ତିଆରି କରି ଗ୍ରାହକଙ୍କୁ ପରସି ଦେଉଛନ୍ତି । ବରଗଡ଼ର ଏହି ନାମୀଦାମୀ କେଫେରେ । ସେମାନେ ଦିବ୍ୟାଙ୍ଗ ହେଲେ ମଧ୍ୟ ନିଜର ଅକ୍ଷମତାକୁ କାହା ଆଗରେ ତାହା ପରିପ୍ରକାଶ ନ କରି ସ୍ୱାଭିମାନର ସହ ବଞ୍ଚି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

ବରଗଡ଼ ସହରର ଗୋବିନ୍ଦପାଲି ଛକରେ ରହିଛି ମିନି ଫ୍ଲାଇଙ୍ଗ ଷ୍ଟାର କେଫେ । ଏହି କେଫେ ପରିଚାଳନା ଦାୟିତ୍ୱରେ ତିନି ଜଣ ଦିବ୍ୟାଙ୍ଗ (ମୁକ ବଧିର) ଯୁବକ ରହିଥିବା ବେଳେ ସେମାନେ ଚା' କଫି ଠାରୁ ଆରମ୍ଭ କରି ଭେଲ ମୁଢ଼ି, ଗୁପଚୁପ ସହ ବିଭିନ୍ନ ପ୍ରକାର ସେକ୍ ନିଜ ହାତରେ ତିଆରି କରି ଗ୍ରାହକଙ୍କୁ ପରସି ଦେଇଥାନ୍ତି । ତେବେ ସେମାନେ ତିଆରି କରୁଥିବା ଚା' ରେ ରହିଛି ବିଭିନ୍ନ ପ୍ରକାର ସ୍ୱାଦ । ଯେପରିକି ପାନ ଟି, ରୋଜ ଟି, ତନ୍ଦୁରି ଟି, ଚକୋଲେଟ ଟି । ସେହିପରି ସାହି ଗୁପଚୁପ, ଦହି ଗୁପଚୁପ, ଚକୋଲେଟ ଗୁପଚୁପ ପରି ଗୁପଚୁପର ମଧ୍ୟ ବିଭିନ୍ନ ପ୍ରକାରର ସ୍ୱାଦ ରହିଥିବା ବେଳେ ଭେଲମୁଢ଼ି ସହ ଆହୁରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ସେମାନେ ତିଆରି କରିବାରେ ସିଦ୍ଧହସ୍ତ ।

ମିନି ଫ୍ଲାଇଙ୍ଗ ଷ୍ଟାର କେଫେର ସତ୍ତ୍ୱାଧିକାରୀ ମିନି





ନାୟକ ଶିକ୍ଷକତା ଛାଡି ଏହି କେଫେ ଆରମ୍ଭ କରିଥିବା ବେଳେ ଦିବ୍ୟାଙ୍ଗ ଯୁବକମାନେ ପାଠପଠା ସମାପ୍ତ ପରେ ସେମାନଙ୍କୁ କେହି ରୋଜଗାର ଦେଉଥିବା ନ ବେଳେ ତାଙ୍କୁ କର୍ମସଂସ୍ଥାନ ଯୋଗାଇବା ଏହାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି । ସତ୍ତ୍ୱାଧିକାରୀ ମିନି ନାୟକ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟାଙ୍କରୁ ଋଣ ନେବା ସହ ନିଜର ସେଭିଙ୍ଗ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମିଶାଇ ଏହି କେଫେ ଆରମ୍ଭ କରିଛନ୍ତି । ରୋହଣିଆର ଅଜୟ ଭୋଇ, ବାବେବିରାର ଘନଶ୍ୟାମ ବାରିକ ଏବଂ ଖିରାପାଲିର ହଂସରାଜ ବନଛୋର ଏଠାରେ କାମ କରୁଥିବା ବେଳେ ସମସ୍ତ ତିନି ଯୁବକ କଥା କହି ପାରନ୍ତି ନାହିଁ କି ଶୁଣି ବି ପାରନ୍ତି ନାହିଁ । ଯାହାକୁ ନେଇ କେଫେର ମେନୁ ଠାରୁ ଆରମ୍ଭ କରି କାନ୍ଥରେ ସାଙ୍କେତିକ ଭାଷା ତଥା ସର୍ଟ ଫର୍ମ ବ୍ୟବହାର କରାଯାଇଛି । ଅପରପକ୍ଷେ ଏମାନଙ୍କୁ ଦୁଇ ମାସ ହେବ ସମସ୍ତ କାର୍ଯ୍ୟ ଟ୍ରେନିଂ ଦେଉଛନ୍ତି ସୁଦୁର ଛତିଶଗଡ଼ର ପ୍ରଶିକ୍ଷିକା ଦିପମାଲା ଶ୍ୟାମ । ସେ ଦିବ୍ୟାଙ୍ଗ ଯୁବକମାନଙ୍କୁ ବିଭିନ୍ନ ଖାଦ୍ୟ ତିଆରି ରୁ ଆରମ୍ଭ କରି ଗ୍ରାହକଙ୍କ ଠାରୁ କିପରି ଅର୍ଡର ନିଆଯାଏ, ଗ୍ରାହକଙ୍କୁ କିପରି ବିଭିନ୍ନ ଖାଦ୍ୟ ପରିବେଷଣ କରିବେ ତାହା ଟ୍ରେନିଂ ଦେଉଛନ୍ତି । ସେହିପରି କେଫେକୁ ଆକର୍ଷଣୀୟ କରିବା ପାଇଁ କାନ୍ଥରେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଲେଖାଯାଇଛି ।

ଦିବ୍ୟାଙ୍ଗ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ମିନି ନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କେଫେ ଧିରେ ଧିରେ ବରଗଡ଼ରେ ଲୋକଙ୍କୁ ଆକୃଷ୍ଟ କରିବା ସହ ଜନସାଧାରଣ ମଧ୍ୟ ଏମାନଙ୍କ ପ୍ରୟାସକୁ ବେଶ ପ୍ରଶଂସା କରୁଛନ୍ତି । ଶାରୀରିକ ଭିନ୍ନକ୍ଷମ ଆଗରେ ନିଜ ଦକ୍ଷତା ବଳରେ ଆତ୍ମନିର୍ଭରଶୀଳ ହେବା ସହ ଏହି ତିନି ଦିବ୍ୟାଙ୍ଗ ଯୁବକ ଅନ୍ୟମାନଙ୍କ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି ।

## ମୁକ୍ତିଲାଭ କଲା ସମ୍ବଲପୁରୀ ଗୀତ 'ଆମର ଗାଁ କେ'

**ବରଗଡ଼, ୧୯।୪(ସମିସ):** ଶୁକ୍ରବାର ସମ୍ବଲପୁରୀ ଗୀତ 'ଆମର ଗାଁ କେ' ମୁକ୍ତିଲାଭ କରିଛି । ରୋହିତ ଦାଶଙ୍କ ପ୍ରଯୋଜନାରେ ବରଗଡ଼ ମାଜିକ କ୍ରିଏସନ ସମ୍ବଲପୁରୀ ୟୁଟ୍ୟୁବ ଚେନେଲ ତରଫରୁ କିଶନ ଦାଶ ଏହାର ନିର୍ମାଣ କରିଛନ୍ତି । ଏଥିରେ ଜଗନ୍ନାଥ ସେଠ ଓ ଜୟଶ୍ରୀ ଷଡ଼ଙ୍ଗୀ ଅଭିନୟ କରିଥିବା ବେଳେ ସର୍ବେଶ୍ୱର ଭୋଇ ଗୀତଟିକୁ କଣ୍ଠଦାନ କରିଛନ୍ତି । ପ୍ରମୋଦ ମିଶ୍ର ରଚନା ଏବଂ ସୁବୋଧ ମହାରଣାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସୁଦର୍ଶନ ବିଭାର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ଚିତ୍ର ନିର୍ଦ୍ଦେଶକ ଦାୟିତ୍ୱରେ




ଆକାଶ ଦାଶ ରହିଛନ୍ତି । ସମ୍ବଲପୁରୀ ଗୀତ କ୍ଷେତ୍ରରେ ଏହା ଏକ ନୂଆଁ ମାଇଲଖୁଣ୍ଟ ହେବ ବୋଲି ଦର୍ଶକ ମତ ବ୍ୟକ୍ତ କରିଛନ୍ତି ।

## ବିକାଶର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଉଛନ୍ତି ବିଜେଡି କର୍ମୀ ଓ ନେତା

**ବରଗଡ଼, ୧୯ ।୪( ସମିସ) :** ଆଗକୁ ନିର୍ବାଚନ ଆସୁଥିବା ବେଳେ ବିଭିନ୍ନ ଦଳର ନେତା ଓ କର୍ମୀ ନିଜ ନିଜର ନିର୍ବାଚନୀ ପ୍ରସଙ୍ଗ ନେଇ ଜନତାଙ୍କ ପାଖରେ ପହଞ୍ଚୁଥିବା ବେଳେ ବରଗଡ଼ ବିଜୁ ଜନତା ଦଳର ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଙ୍କ ସମେତ ଦଳୀୟ କର୍ମୀ ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ଗସ୍ତ କରି ଭୋଟର ଙ୍କୁ ଭେଟିବା ସହିତ ସରକାରୀ ଯୋଜନା ସହିତ ରାଜ୍ୟ ସରକାର ଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ସମ୍ବନ୍ଧରେ ଅବଗତ କରାଇ ଆଶୀର୍ବାଦ କାମନା କରୁଛନ୍ତି । ଶୁକ୍ରବାର ବରଗଡ଼ ବିଧାନ ସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପଥର୍ଲା, କୁରୁଆ ପଞ୍ଚାୟତ ଗଣ୍ଡପାଲି, ବରଗଡ଼ ଖଜୁର ଟିକ୍ରା, ରାମଜୀ ମନ୍ଦିରପଡ଼ା, ସରଣ୍ଡା ପାଲି ଆଦି ବିଭିନ୍ନ ସ୍ଥାନରେ ଯୋଗ ଦେଇଥିଲେ । ଏହି ଅବସରରେ ନିଜର



ଦଳୀୟ କର୍ମୀ ମାନଙ୍କ ସହିତ ଆଗାମୀ ନିର୍ବାଚନ ସମ୍ବନ୍ଧରେ ଜନ ସାଧାରଣଙ୍କ ସହ ଆଲୋଚନା କରି ଆଗାମୀ ନିର୍ବାଚନରେ ବିକାଶ ପ୍ରକ୍ରିୟାକୁ ଆହୁରି ପ୍ରଗତିଶୀଳ କରିବା ପାଇ ବିଜୁ ଜନତା ଦଳକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ ।

## ପଦ୍ମପୁର ପୁଲିସ ଦ୍ୱାରା ୭ ଲକ୍ଷ ଟଙ୍କା ଜବତ

**ପଦ୍ମପୁର/ଝାରବନ୍ଧ, ୧୯ ।୪ (ସମିସ):** ପଦ୍ମପୁର ପୁଲିସ ପକ୍ଷରୁ ନିର୍ବାଚନ ପାଇଁ କଡ଼ାକଡ଼ି ଭାବରେ ଯାଞ୍ଚ କରା ଯାଉଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଝାରବନ୍ଧ ଥାନା ଡଭା ଛକରେ ଏକ ବାଇକରୁ ପୁଲିସ ୬



ଲକ୍ଷ ୫୨ ହଜାର ୮ ଶହ ଟଙ୍କା ଜବତ କରିଥିଲା । ପୁଲିସ ବଲାଙ୍ଗୀରର ମିତ୍ରଭାନୁ ସାହୁ ଓ ମନୋଜ ସାହୁଙ୍କ ଠାରୁ ଏହି ଟଙ୍କା ଜବତ କରିଥିବା ବେଳେ ସେମାନେ ଉକ୍ତ ଟଙ୍କାର କୌଣସି ସଠିକ ପ୍ରମାଣ ଦେଇ ପାରି ନଥିଲେ । ଏ ନେଇ ଝାରବନ୍ଧ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି । ପଦ୍ମପୁର ପୁଲିସ ଗଡ଼ଭାଟି ନାକା ଠାରେ ଯାଞ୍ଚ କରୁଥିବା ବେଳେ ଏକ ପିକ୍ ଅପ୍ ରୁ ୧ ଲକ୍ଷ ୫ଶହ ଟଙ୍କା ଜବତ କରିଛି । ଗାଇସିଲେଟରୁ ପଦ୍ମପୁର ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ନଂ ଓଡ଼ି୧୭ ୱାଇର ୭୧୦୯ କୁ ଯାଞ୍ଚ କରିଥିବା ବେଳେ ଟୋଙ୍କ ଜିଲ୍ଲା ଅନ୍ତର୍ଗତ ଇସଲାମପୁରର ଶେଖ୍ ରଫିକ୍‌ଙ୍କ ଠାରୁ ଏକ ଲକ୍ଷ ପାଞ୍ଚଶହ ଟଙ୍କା ମିଳିଥିଲା । ଏହି ଟଙ୍କା ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ଟଙ୍କା ଜବତ କରିଥିବା ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ସୂଚନା ଦେଇଛନ୍ତି ।

## ପୂର୍ବତନ କାଉନସିଲର ନନ୍ଦିଘୋଷ ସାହୁଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୧୯।୪(ସମିସ) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ବରଗଡ଼ର ପୂର୍ବତନ କାଉନସିଲର ନନ୍ଦିଘୋଷ ସାହୁ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ବରଗଡ଼ ସହରର ୱାର୍ଡ଼ ନମ୍ବର ୧୫ ରେ ସେ ପୂର୍ବରୁ କାଉନସିଲ ଥିଲେ । ସମ୍ପ୍ରତି ସେ ବିଜେପିର ଜଣେ ସକ୍ରିୟ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ । ଶୁକ୍ରବାର ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟରେ ଆୟୋଜିତ ବିଜେଡିର ଏକ ମିଶ୍ରଣ ପର୍ବରେ ଶ୍ରୀ ସାହୁ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଥିଲେ । ଏହି ଅବସରରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରିଷ୍ଠ ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ, ପୁରୁଷୋତ୍ତମ ବିଶିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ସ୍ୱାଗତ ଜଣାଇଥିଲେ ।

## ନାମଯଜ୍ଞରେ ହୋମିଓପାଥି ଚିକିତ୍ସା ଶିବିର

**ବରଗଡ଼, ୧୯।୪(ସମିସ) :** ବରଗଡ଼ ସଦର ବ୍ଲକ ତିଲପାଲି ନାମଯଜ୍ଞ ଅବସରରେ ଏକ ହୋମିଓପାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗାଁ ହୋମିଓପାଥି ଡାକ୍ତରଖାନା ତରଫରୁ ଅନୁଷ୍ଠିତ ଏହି ଶିବିରରେ ବହୁ ଶ୍ରଦ୍ଧାଳୁ ଭକ୍ତ ତଥା ଜନସାଧାରଣ ଉପକୃତ ହୋଇଥିଲେ । ଡାକ୍ତର ସୁବୋଧ ସାହୁ ଙ୍କ ସମେତ ନୀଳମାଧବ ପ୍ରଧାନ, ଦେବଦତ୍ତ ମହାପାତ୍ର ପ୍ରମୁଖ ଔଷଧ ବିତରଣ କରିଥିଲେ । ଏହି ଶିବିର ରାତି ୧୧ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମବାସୀ ଓ ଯୁବକ ସଂଘ ସକ୍ରିୟ ସହଯୋଗ କରିଥିଲେ ।

## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବିଶ୍ୱଶାନ୍ତି ଯଜ୍ଞ

**ବରଗଡ଼, ୧୯।୪(ସମିସ):** ଶ୍ରୀରାମନବମୀ ଅବସରରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲଠାରେ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡିଆ, ଚେୟାରମ୍ୟାନ ସୁମନ ସାଓ୍ୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ବବିତା ସାଓ୍ୱଡିଆ, ମମତା ଅଗ୍ରୱାଲ, ରେଖା ନାୟକ, ସଂଯୋଜିକା ମମତା ସିହ୍ନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ନାରାୟଣଙ୍କ ସହସ୍ର ନାମ ଜପ କରାଯାଇଥିଲା ।

## ବିବାହ ବାର୍ଷିକୀରେ ରକ୍ତଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ

**ବରଗଡ଼, ୧୯ । ୪(ସମିସ):** ବର୍ତ୍ତମାନ ଯୁଗରେ ନିଜର ବିବାହ ବାର୍ଷିକୀ କିଏ କେଉଁ ପ୍ରକାରରେ ଆୟୋଜନ କରି ଚର୍ଚ୍ଚାର ପରିସରକୁ ଆସୁଥିବା ବେଳେ ଜଣେ ଯୁବ ଦମ୍ପତି ରକ୍ତଦାନ ଶିବିର ଆୟୋଜନ କରି ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । 'ଖଣ୍ଡହଥା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ନିଷ୍ଠା ପରିବାର ଉପଦେଷ୍ଟା କ୍ଷିରୋଦ୍ର ସାହୁ ତାଙ୍କ ବିବାହ ବାର୍ଷିକୀ ପାଳନ କରିଥିଲେ । ଗୋଟିଏ ଦିନ ଆଗରୁ ଖବର ପାଇଥିଲେ ଯେ ବରଗଡ଼ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ହୋଇ ଯାଇଛି । ରୋଗୀ ମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେତିକିରେ କ୍ଷୀରୋଦ ନିଜର ପତ୍ନୀ ଙ୍କ ସହ କଥା ହୋଇ ବିବାହ ବାର୍ଷିକୀ ଦିନ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନେଇ ସ୍ୱେଚ୍ଛାସେବୀ ସଂଗଠନ ନିଷ୍ଠା ପରିବାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ କ୍ଷିରୋଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ବିଜୟା ସାହୁ



ଫିତା କାଟି ଶୁଭାରମ୍ଭ କରିଥିଲେ । ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ମାନେ ଏହି ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ତାଙ୍କ ପ୍ଲାଣ୍ଟ ରେ କାମ କରୁଥିବା କର୍ମଚାରୀ, ଶୁଭେଚ୍ଛୁ ଓ ସହଯୋଗୀ ସମସ୍ତେ ମିଶି ଖୁସି ମନରେ ରକ୍ତ ଦାନ କରିଥିଲେ । ରକ୍ତ ଦାନ ଶିବିର ଆୟୋଜନ କରି ନିଜର ବିବାହ ବାର୍ଷିକୀ କୁ ଏକ ଭିନ୍ନ ଢ଼ଙ୍ଗରେ ପାଳନ କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି । ନିଷ୍ଠା ପରିବାର ତରଫରୁ ଏହି ଦମ୍ପତିଙ୍କୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିର କୁ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସହ ସମ୍ପାଦକ ମଦନ ମୋହନ ଦାଶ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ସହ ସମ୍ପାଦକ ସଙ୍କେତ ଆଠଘରା, ଜୟନ୍ତ ପ୍ରଧାନ, ହେମାଞ୍ଚଳ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ମୃତ ଯୁବକ ନେପାଳଙ୍କ ଚକ୍ଷୁଦାନ

**ପଦ୍ମପୁର, ୧୯ ।୪ (ସମିସ):** ସଂକଳ୍ପ ପରିବାରର ରକ୍ତଦାନ ଶିବିରରେ ନିୟମିତ ରକ୍ତଦାନ କରୁଥିବା ସ୍ୱେଚ୍ଛା ରକ୍ତଦାତା ସରେଇକେଲା ଗ୍ରାମର ନେପାଳ ସାହୁ (୨୮) ଶୁକ୍ରବାର ସକାଳ ୫ଟା ରେ ପଦ୍ମପୁର ଜଗଦଲପୁର ରାସ୍ତାରେ ମଟରସାଇକେଲରେ ଯାଉଥିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପାଇପ



ବୋଝେଇ ପିକଅପ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା ଫଳରେ ଗୁରୁତର ଅବସ୍ଥାରେ ସେ ଆହତ ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ପ୍ରଥମେ ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ପାର୍ଥିବ ଶରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ଼ରେ ରଖାଯାଇ ତାଙ୍କର ନିଜ ଭାଇ ସତ୍ୟପାଳ ସାହୁଙ୍କ ଅନୁମତି କ୍ରମେ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ, ଭୁବନେଶ୍ୱରର କାର୍ଯ୍ୟରତ କର୍ମଚାରୀ ସୁନୀଲ ସା ଚକ୍ଷୁଦାନ ପ୍ରକ୍ରିୟା ଶେଷ କରିଥିଲେ । ସେଠାରେ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ନୀଲେଶ ପ୍ରଧାନ ଅନ୍ୟ ସଦସ୍ୟ ମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜୀବିତ ଥିବା ସମୟରେ ନିୟମିତ ରକ୍ତଦାନ କରୁଥିବା ନେପାଳଙ୍କ ମୃତ୍ୟପରେ ଚକ୍ଷୁଦାନ କରି ସମାଜକୁ ନିଆରା ବାର୍ତ୍ତା ଦେଇଛନ୍ତି । ତାଙ୍କ ପରିବାରର ମହତ ପଣିଆ ପାଇଁ ଦୁଇଜଣ ଚକ୍ଷୁ ହୀନ ବ୍ୟକ୍ତି ନିଜର ଦୃଷ୍ଟିଶକ୍ତି ଫେରି ପାଇ ରଙ୍ଗୀନ ଦୁନିଆକୁ ଦେଖି ପାରିବେ । ମୃତ୍ୟୁ ବରଣ କରିବା ପରେ ଚକ୍ଷୁଦାନ କରି ସମାଜରେ ସବୁଦିନ ନେପାଳ ଜୀବିତ ହୋଇ ରହିବେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଗଦଲପୁର ଥାନାଧିକାରୀ କେଶବ ଚନ୍ଦ୍ର ପ୍ରଧାନଙ୍କ ରିପୋର୍ଟ ତଳବ ପରେ ଶବର ପୋଷ୍ଟମର୍ଟମ କରାଯାଇ ତାଙ୍କ ପୈତୃକ ଗାଁ ସରେଇକେଲାକୁ ନିଆଯାଇଥିଲା । ଶୋକାକୁଳ ପରିବେଶରେ ଗାଁରେ ହଜାର




ହଜାର ଗ୍ରାମବାସୀ ଅନ୍ତିମ ଶୋଭଯାତ୍ରାରେ ସାମିଲ ହୋଇ 'ନେପାଳ ସାହୁ ଅମର ରହେ, ଜିତେଜି ରକ୍ତଦାନ ମର୍‌ତେ ହୁଏ ଚକ୍ଷୁଦାନ' ନାରା ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୃତ୍ୟୁ ପରେ ରୋଜଗାରିଆ ଯୁବକ ପୁଅକୁ ହରାଇ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ନେପାଳ ତାଙ୍କ ପଛରେ ୯ ମାସ ର କୁନିପୁଅ କ୍ରୀଷ୍ଣା, ପତ୍ନୀ ସନ୍ତୋଷିନୀ, ସାନ ଭାଇ ସତ୍ୟ, ବାପା ମାଁ ଙ୍କୁ ଛାଡି ଚାଲିଯାଇଛନ୍ତି ।

## ମହିଳା କଲେଜ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବରପାଲି, ୧୯ ।୪ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଶେଷବର୍ଷ ଛାତ୍ରୀ ମାନଙ୍କ ବିଦାୟ ଉତ୍ସବ ପାଳିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପ୍ରଥମବର୍ଷ ଛାତ୍ରୀ ମାନିନୀ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଛାତ୍ରୀ ମାନଙ୍କୁ ସତଶିକ୍ଷା ମୂଳକ ଦିଗଦର୍ଶନ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଦ୍ୱିତୀୟବର୍ଷ ଛାତ୍ରୀ ସୁନୀତା ନାଗଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପର୍ବ ସମାପନ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ




ଯତୀନ୍ଦ୍ର କୁମାର ସାହୁ, ନେପାଲ ବିଶ୍ୱାଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଲୋକନାଥ ମେହେର, ଅଧ୍ୟାପିକା ନିଳୀମା ନାୟକ, ଜ୍ୟୋତି ସାହୁ, ପିଙ୍କି ବାରିକ, ମନୀଷା ଭୋଇ, ଶୋଭାବତୀ ଥପା, ପୁନମ୍ ସାହୁ, ସସ୍ମିତା ମେହେର, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ । ପରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମେ ୧୯ ରୁ ନୃସିଂହନାଥରେ ବୈଶାଖମେଳା

**ପାଇକମାଳ, ୧୯ ।୪(ସମିସ)**

ନୃସିଂହନାଥ ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ନୃସିଂହନାଥ ଭୋଗମଣ୍ଡପ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପାଇକମାଳ ବିଡିଓ ତଥା ମନ୍ଦିର ଟ୍ରଷ୍ଟି ପ୍ରଫୁଲ କୁମାର ଓଦ୍ର ଆସନ୍ତା ମେ ୧୯ ତାରିଖ ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ବୋଲି ସୂଚନା ଦେଇଥିଲେ । ମନ୍ଦିର କାର୍ଯ୍ୟନିବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଗତ ବୈଶାଖ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପାନୀୟ ଜଳର ସୁବ୍ୟବସ୍ଥା, ୨୪ ଘଣ୍ଟିଆ ବିଦ୍ୟୁତ ସରବରାହ ବୈଶାଖମେଳା ପରିସରକୁ ଯୋଗାଇବା, ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟାପକ ପଦକ୍ଷପ ନେବା ପାଇଁ ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ବିଷୟରେ କହିଥିଲେ । ଏମାନଙ୍କୁ ସହଯୋଗ କରିବା ଓ ମେଳା ସୁପରିଚାଳନା ପାଇଁ ଗତ ବର୍ଷ କମିଟିକୁ ପୂନର୍ବାର ସେହି କମିଟି କାର୍ଯ୍ୟ କରିବ । ଭିଡ଼କୁ ଦୃଷ୍ଟିରେ ରଖି ଅସ୍ଥାୟୀ ଆଶ୍ରୟ ସ୍ଥଳି ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ନିଆଯାଇଛି । ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇ, ପଦ୍ମପୁର ଏସଡିଏମଓ ଡା. ଆଶୁତୋଷ ହୋତା, ସିଏଚସି ଅଧିକାରୀ ଶୁଭ୍ରପ୍ରକାଶ ସେନାପତି, ବିଦ୍ୟୁତ ବିଭାଗ ଏସଡିଓ ମନୋରଞ୍ଜନ ନାୟକ, ଆର୍‌ଡବ୍ଲୁଏସଏସ ଜେଇ ସତ୍ୟବ୍ରତ ମାଝୀ, ବନବିଭାଗ ଏସିଏଫ ରାଜେନ୍ଦ୍ର ଭୋଇ, ଅଗ୍ନିଶ୍ରମ ଅଧିକାରୀ ପ୍ରମୁଖ



ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପ୍ରଶାସନ ପକ୍ଷରୁ ସାଂସ୍କୃତିକ କାଯ୍ୟକ୍ରମ ପାଇଁ ଅନୁଦାନ ଯୋଗାଇବା ଜିଲ୍ଲା ପ୍ରଶାସନକୁ ଚିଠି ମାଧମରେ ଅନୁରୋଧ କରାଯିବା ଓ ଲୋକାଲ ସାଂସ୍କୃତିକ ଗ୍ରୁପକୁ ଅଂଶ ଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ନିଆଗଲା । ଶେଷରେ ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭେଡେନ ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଭେଡେନ, ୧୯ ।୪(ସମିସ):** ସାଧାରଣ ଜନତାଙ୍କ ସହ ପୁଲିସ ସବୁବେଳେ ସୁସମ୍ପର୍କ ରହିଛି ବୋଲି ସୂଚନା ଦେବା ସହ ଆଗାମୀ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ପାଇଁ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକାରୀ ଏସ୍. ପ୍ରହଲ୍ଲାଦ ମିନାଙ୍କ ନିର୍ଦ୍ଦେଶ କ୍ରମେ ଭେଡେନ ଥାନା ଅଞ୍ଚଳରେ ପୁଲିସ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି । ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶଙ୍କ ସଂଯୋଜନାରେ ଭେଡେନ ବ୍ଲକ ଅନ୍ତର୍ଗତ ଅଁଏଲାପାଲି, ତାଲଗାଁ, ତେନ୍ତୁଳିଟିକିରା, ଜମଡୋଲ, ସହାରାଟିକିରା ଆଦି ଅଞ୍ଚଳରେ ପୁଲିସର ଫ୍ଲାଗ ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨ପ୍ଲାଟୁନ ଫୋର୍ସ ସମେତ ୨ଜଣ ଏସ୍ଆଇ, ୨ଜଣ ଏଏସଆଇ ସମେତ ଭେଡେନ ଥାନା ଓ ରଷୁଡା ଫାଣ୍ଡିର ସମସ୍ତ ପୁଲିସ କର୍ମଚାରୀ ସାମିଲ ଥିଲେ ।

# ଯୋଗାଣ ହୋଇପାରୁନି ଆବଶ୍ୟକ ପାଣି

**ସମ୍ବଲପୁର, ୧୯।୪(ସମିସ)**

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ପଡ଼ାରେ ଆବଶ୍ୟକ ଅନୁସାରେ ଜଳଯୋଗାଣ ହୋଇପାରୁ ନଥିବା ଅଭିଯୋଗ ହେଉଛି। ମିଟର ଲଗାଯାଇଛି। ସେଭଳି ପଡ଼ାରେ ମଧ୍ୟ ଜଳସମସ୍ୟା ଲାଗିରହିଛି। ଖରାଦିନ ଆସିଲେ ଏହି ସମସ୍ୟା ଅଧିକ ଜଟିଳ ହୋଇଯାଏ। ଚଳିତବର୍ଷ ମଧ୍ୟ ଏହି ସମସ୍ୟା ଜଟିଳ ହେବା ଆରମ୍ଭ କରିସାରିଲାଣି। ଲୋକଙ୍କ ଅଭିଯୋଗ, କେତେକ ପଡ଼ାରେ ସମ୍ପୂର୍ଣ୍ଣ ଭାବେ ଜଳ ଯୋଗାଣ ବନ୍ଦ ହୋଇଯାଇଥିବା ଦେଖାଯାଇଛି। ଲୋକମାନେ ପିଏଚ୍‌ଡି ବିଭାଗକୁ ଅଭିଯୋଗ କଲେ ମରାମତି କାମ ଚାଲିଛି ବୋଲି କହୁଛି। ଏପଟେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଛନ୍ତି। ସେପଟେ ପାନୀୟ ଜଳ ସମସ୍ୟା ଆଉ ଏକ ବୋଝ ହୋଇଯାଇଛି। ବିକଳ୍ପ ବ୍ୟବସ୍ଥା ମଧ୍ୟ ନାହିଁ। ଅଇଁଠାପାଲି, ଶାନ୍ତିନଗର, ବୁଢାରଜା, ବାଲିବନ୍ଧା, ରାମଜୀମନ୍ଦିରପଡ଼ା, କମଲିବଜାର, ବଡବଜାର, ଫାଟକ, ଗୋପାଳମାଲ ସହିତ ନୂତନ ଭାବେ ଗଢ଼ି ଉଠିଥିବା ଜନ ବସ୍ତିରେ ମଧ୍ୟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପ୍ରତିବର୍ଷ ପାନୀୟ ଜଳ ସମସ୍ୟା ଦେଖାଦେଇଥାଏ। ଖରା ମାସରେ ଅଧିକ ପାଣିର ଆବଶ୍ୟକ ରହିଥାଏ। ଅନ୍ୟପଟେ କେତେକ ୱାର୍ଡରେ ପାଣି ବିଭିନ୍ନ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ନା କୌଣସି ଅଧିକାରୀ ସେମାନଙ୍କ କଥା ଶୁଣୁଛନ୍ତି ନା ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁଛି। ଗ୍ରୀଷ୍ମପ୍ରବାହ କାରଣରୁ ଲୋକେ ଘରୁ ବାହାରିବାକୁ ଭୟ କଲେଣି। ଏଭଳି ସ୍ଥିତିରେ ମହାନଦୀ କୂଳରେ ଥିବା ବାସିନ୍ଦାଙ୍କୁ ଯଦି ପିଇବା ପାଇଁ ପାଣି ଟିକିଏ ମିଳୁନାହିଁ ତା'ହେଲେ ଅନ୍ୟ ଅଞ୍ଚଳର କଥା କିଏ ପଚାରେ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

## ଜଳସାଥୀ, ପିଏଚ୍‌ଡି, ଏସ୍‌ଏମ୍‌ସିର ମିଳିତ ବୈଠକ



ଆଜି ମହାନଗର ନିଗମ ପକ୍ଷରୁ ସହରରେ ଜଳ ସମସ୍ୟା ଦୂର କରିବା ପାଇଁ ଜଳ ସାଥୀମାନଙ୍କୁ ନେଇ ଏକ ଗୁରୁତ୍ୱ ବୈଠକ କରାଯାଇଛି। ବୈଠକରେ ମହାନଗର ନିଗମ କମିସନର ବେଦଭୂଷଣ, ପିଏଚ୍‌ଡି ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପ୍ରତି ୱାର୍ଡରେ ଜଳସାଥୀମାନେ ସାଧାରଣ ଲୋକମାନଙ୍କ ସମସ୍ୟା ସମାଧାନ ନେଇ କାମ କରିବେ। ସେମାନେ ପ୍ରତି ଘରକୁ କିଭଳି ଭାବେ ବିଶୁଦ୍ଧ ଓ ଆବଶ୍ୟକ ପାଣି ଯୋଗାଇ ଦିଆଯିବ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଥିଲା। ୱାଟ୍‌କୋ ଓ ପିଏଚ୍‌ଡି ଠାରୁ ସ୍ୱାଧୀନ ଭାବେ ଜଳ ଗୁଣବତ୍ତା ମନିଟରିଂ କାର୍ଯ୍ୟର ନିୟମିତ ତଦାରଖ ପାଇଁ ଏକ ବିଶେଷ ଜଳ ଗୁଣବତ୍ତା ନିଶ୍ଚିତକରଣ ସେଲ୍‌ଫ ସ୍ଥାପନ ପୂର୍ବରୁ ହୋଇଛି। ଏହାସହ ଗୋଷ୍ଠୀ ସହିଭାଗିତାରେ ୱାଟକୋ ଓ ପିଏଚ୍‌ଡିରେ କାର୍ଯ୍ୟରତ ଜଳସାଥି ସମସ୍ତ ସହରରେ ଗ୍ରାହକଙ୍କ ଟ୍ୟାପ୍‌ରୁ ଜଳ ପରୀକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ନିୟମିତ ଭାବରେ କାର୍ଯ୍ୟକୁ ବ୍ୟାପକ ଭାବରେ ସମୀକ୍ଷା ଏବଂ ତଦାରଖ କରିବା, ଜଳ ଗୁଣବତ୍ତା ମନିଟରିଂ ଢାଞ୍ଚା ଓ ମୋଡାଲିଟିରେ ଉନ୍ନତି ପାଇଁ ସୁପାରିଶ କରିବା ସହ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା, ଜଳ ଗୁଣବତ୍ତା ମନିଟରିଂ ପାଇଁ ମାନକ କାର୍ଯ୍ୟ ପ୍ରଣାଳୀର ବିକାଶ, ଜଳର ଗୁଣବତ୍ତା ସମ୍ବନ୍ଧିତ ଘଟଣାକୁ ସମୀକ୍ଷା କରିବା ଏବଂ ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା କାମ ଜଳ ସାଥୀମାନେ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ମହାବୀରପଡ଼ା ସତ୍ୟନାରାୟଣ ପୂଜାରେ ବିଧାୟକ ରୋହିତ



**ସମ୍ବଲପୁର, ୧୯।୪(ସମିସ):** ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ବିଧାୟକ ରୋହିତ ପୂଜାରୀ ପ୍ରଚାର ଜୋର ସୋର ଆରମ୍ଭ କରିଛନ୍ତି। ମହାନଗର ନିଗମ ବିଭିନ୍ନ ପଡ଼ା ବୁଲି ଲୋକଙ୍କ ସହ ବୈଠକ କରୁଛନ୍ତି। ଯୁବ, ମହିଳା, ବରିଷ୍ଠ ଲୋକଙ୍କ ସହ ଆଲୋଚନା କରି ଭୋଟ ଭିକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପଡ଼ାବାସୀଙ୍କୁ ବୁଝାଉଛନ୍ତି। ସହରରେ ହୋଇଥିବା ବିକାଶ କାମକୁ ଉଦାହରଣ ଦେଇ ଭୋଟ ମାଗୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ପ୍ରକଳ୍ପ ରୂପାନ୍ତକରଣ, ରାସ୍ତା ଘାଟ ନିର୍ମାଣ, ଶିକ୍ଷାନୁଷ୍ଠାନରେ ବିକାଶ ହୋଇଛି। ତେଣୁ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଆଜି ଧନୁପାଲି ମହାବୀରପଡ଼ାରେ ଆୟୋଜିତ ସତ୍ୟନାରାୟଣ ପୂଜାରେ ଯୋଗଦାନ କରିଥିଲେ। ସେଠାରେ ଆୟୋଜକ କମିଟି ଓ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମନ୍ଦିର ଓ କ୍ଲବ ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ସେ ସବୁବେଳେ ସମ୍ବଲପୁର ପ୍ରତି ଗୁରୁତ୍ୱ ଦେଇଥାନ୍ତି। ଯେଉଁ ନେତାମାନେ ଜିତିବା ପରେ ୫ ବର୍ଷ ପାଇଁ ଶୋଇ ପଡ଼ିଥିଲେ। ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ। ପୁଅ, ଭାଇ ଭାବି ମୋତେ ଭୋଟ ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ। ବୈଠକରେ ମନ୍ଦିର କମିଟି ସଭାପତି ଭାବେ ଡୋଲାମଣୀ ମେହେର, ଉପସଭାପତି ସଞ୍ଜିତ ନାୟକ, ସମ୍ପାଦକ କାହ୍ନୁରାମ ଶର୍ମା, ସହସମ୍ପାଦକ ସୁଧୀର ଦାଶ, କୋଷାଧ୍ୟକ୍ଷ ବିବେକାନନ୍ଦ ନାଏକ, ସହକୋଷାଧ୍ୟକ୍ଷ ଶ୍ରୀକାନ୍ତ ବିଶ୍ୱାଳ ତଥା ଉପଦେଷ୍ଟା ମଣ୍ଡଳୀରେ ମଳୟ ପାଣିଗ୍ରାହୀ, ବଂଶୀଧର ବେହେରା, ରମଣୀ ରଞ୍ଜନ ବାବୁ, ଆଲୋକ ମିଶ୍ର, ବିକାଶ ମିଶ୍ର, ସଞ୍ଜୀବ ବେହେରା, ମାନସ ମିଶ୍ର, ତନୟ ପାଣିଗ୍ରାହୀ, ମହେଶ ପଟେଲ, ଆଶିଷ ବେହେରା, ଜଗନ୍ନାଥ ବାଗ, ଆଶିଷ ମିଶ୍ର, ପ୍ରିୟରଞ୍ଜନ ପଣ୍ଡା, ଯୁଧିଷ୍ଠିର ନାରାୟଣ, ସୁଦର୍ଶନ ସାହୁ, ଡୋଲାମଣୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ନାମଯଜ୍ଞ ପୂଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସହ ପଞ୍ଚମୁଖୀ ମନ୍ଦିର ସଭାପତି ଶ୍ୱେତ କୁମାର ପଣ୍ଡା ଓ ପଞ୍ଚମୁଖୀ ମନ୍ଦିରର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ପୁଣି ଚାକିରିରୁ ନିଲମ୍ବିତ ହେଲେ ଆସିଷ୍ଟାଣ୍ଟ ପ୍ରଫେସର ଡ. ରଜତ କୁଜୁର

**ବୁର୍ଲା, ୧୯।୪ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ରଜତ କୁଜୁରଙ୍କୁ ଆଜି ଚାକିରୀରୁ ନିଲମ୍ବିତ କରିଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଡ. କୁଜୁର ସାମାଜିକ ଗଣମାଧ୍ୟମରେ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷା ପ୍ରଫେସର ସଂଯୁକ୍ତା ଦାଶଙ୍କୁ ନେଇ ଆପତ୍ତିଜନକ ବା ଦୁର୍ବ୍ୟବହାର କରି କିଛି ପୋଷ୍ଟ କରିଥିଲେ। ଏହାକୁ ନେଇ ପ୍ରଫେସର ଦାଶ କୁଳପତିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ଡ. କୁଜୁରଙ୍କୁ ଚାକିରୀରୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ସୂଚନା ଥାଉକି ଏହା ଡ. କୁଜୁରଙ୍କ ଚତୁର୍ଥଥର ନିଲମ୍ବିତ ହେବା ସହିତ ତାଙ୍କୁ ଏହା ପୂର୍ବରୁ ପଦବନତି କରାଯାଇଥିବା ନଜିର ରହିଛି। ତେବେ ବାରମ୍ବାର ଡ.କୁଜୁର ନିଲମ୍ବିତ ହେବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପରିସରରେ ଏବଂ ଡିୟୁଟି ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଜାରିରଖିବା ଘଟଣା ଶିକ୍ଷା ବାତାବରଣରେ ତଥା ଛାତ୍ରଛାତ୍ରୀ ଏବଂ ଅନ୍ୟ ଅଧ୍ୟାପକ ଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ତେବେ ଆଗକୁ କଣ ପଦକ୍ଷେପ ନେବେ କର୍ତ୍ତୃପକ୍ଷ ତାହା ଦେଖିବା ବାକି ରହିଲା।




## ପୁଅ ଆକ୍ରମଣରେ ଥାନାରେ ମାଆଙ୍କ ଅଭିଯୋଗ

**ସମ୍ବଲପୁର, ୧୯।୪(ସମିସ):** ଅଇଁଠାପାଲି ଥାନା ଅନ୍ତର୍ଗତ କେନାଲପଡ଼ାର ସଞ୍ଜୁ ସାହୁଙ୍କୁ ନିଜ ପୁଅ ମାଡପିଟ କରୁଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ଗତକାଲି ସଞ୍ଜୁଙ୍କ ପୁଅ ଚିତ୍ତ ରଞ୍ଜନ ସାହୁ ଓରଫ ଶିବୁ ସାହୁ ଟଙ୍କା ମାଗିଥିଲା। ଟଙ୍କା ନ ମିଳିବାରୁ ପାଟି ତୁଣ୍ଡ ସହ ଝଗଡ଼ା କରିଥିଲେ। ମାଆଙ୍କ ପାଖରୁ ୧୦୦ ଟଙ୍କିଆ ନୋଟକୁ ଆଣି ଚିରି ଦେଇଥିଲା। ପରେ ମାଆଙ୍କୁ ମାଡ ମାରିବା ସହ ନିଜ ବାପାଙ୍କ ମଧ୍ୟ ପିଟିଥିଲେ। ପୂର୍ବରୁ ମଧ୍ୟ ଜୀବନରୁ ମାରି ଦେବା ଧମକରେ ଶିବୁ ବାପାମାଙ୍କ ଅଭିଯୋଗରେ ଜେଲ ଯାଇଥିଲେ। ଗତ କାଲି ଘଟଣା ନେଇ ପୁଣି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଘର ସମ୍ମୁଖରୁ ବାଇକ ଚୋରି

**ସମ୍ବଲପୁର, ୧୯।୪(ସମିସ):** ଧନୁପାଲି ଥାନା ମଠପାଲି ବାସିନ୍ଦା ହେମନ୍ତ ବେରିହାଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ, ହେମନ୍ତ ବାଇକ(ଓଡି ୧୫ଏସ ୭୨୧୪) ନିଜ ଘର ସମ୍ମୁଖରେ ପାର୍କିଂ କରିଥିଲେ। ଘର ମୁଖ୍ୟ ଦ୍ୱାରରେ ଗେଟ ନଥିବାରୁ କେହି ଦୁର୍ବୃତ୍ତ ରାତିରେ ପଶି ବାଇକ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଧନୁପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜଳବାହିନୀ ଉଦ୍‌ଘାଟିତ



**ସମ୍ବଲପୁର, ୧୯।୪(ସମିସ):** ସ୍ଥାନୀୟ ବୋମାଲୋଇ ପଞ୍ଚାୟତ କାର୍ଯ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଚଳିତବର୍ଷ ନିମନ୍ତେ ପ୍ରକଳ୍ପ ଜଳବାହିନୀର ଉଦ୍‌ଘାଟନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭବାନି ମହାପାତ୍ର ମାନବ ସମ୍ବଳ ଅଧିକାରୀ, ପ୍ରିତମ ଜେନା ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ, ଶ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେରା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଅଞ୍ଚଳରେ ଘୋର ପାନୀୟ ଜଳ ସଂକଟକୁ ଅନୁଧ୍ୟାନ କରି, ଦୀର୍ଘବର୍ଷରୁ ଅଞ୍ଚଳର ବୁଦ୍ଧିଜୀବୀ, ପଞ୍ଚାୟତ କାର୍ଯ୍ୟକର୍ତ୍ତା, ବ୍ଲକ ପ୍ରଶାସନ ଓ ଜନ ସାଧାରଣଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ୩୪ଟି ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ୭୮ଟି ଗ୍ରାମର ୨୫୦୦୦ ଜନସାଧାରଣ ଉପକୃତ ହୋଇ ପାଇବେ ବୋଲି କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି। ଆଦିତ୍ୟର ଏହି ମହନୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜନ ସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରସଂଶିତ ହୋଇଛି। ଉପସ୍ଥିତ କମ୍ପାନୀର କାର୍ଯ୍ୟକର୍ତ୍ତାମାନେ ଶୁଭ ପତାକା ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

## ଅଭିଲେଖାଗାରରେ ବିଶ୍ୱ ଐତିହ୍ୟ ଦିବସ

# ଐତିହ୍ୟ ଏବଂ ସଂସ୍କୃତିକୁ ସର୍ବଦା ମହତ୍ତ୍ୱ ଦେବା ଆବଶ୍ୟକ

**ସମ୍ବଲପୁର, ୧୯।୪(ସମିସ):** ସଂସ୍କୃତି, ପରମ୍ପରା ଭାରତୀୟ ସଭ୍ୟତାକୁ ଯୁଗ ଯୁଗ ଧରି ରୁଦ୍ଧିମନ୍ତ କରି ରଖିଛି। ଐତିହ୍ୟ ଆମର ସମ୍ବଳ ଓ ପରିଚୟ ଅଟେ। ଏହି କଥାକୁ ହୃଦୟଙ୍ଗମ କରି ଆମେ ଐତିହ୍ୟ ଏବଂ ସଂସ୍କୃତିକୁ ସଦାବେଳେ ମହତ୍ତ୍ୱ ଦେବା ଆବଶ୍ୟକ ବୋଲି ବିଶ୍ୱ ଐତିହ୍ୟ ଦିବସରେ ମତ ପ୍ରକାଶ ପାଇଛି। 'ଇନ୍‌ଟାକ ସମ୍ବଲପୁର ଚାପ୍ଟର' ପକ୍ଷରୁ ସହ ସଂଯୋଜକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଭିଲେଖାଗାରରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ବର୍ତ୍ତମାନ ଶିକ୍ଷା ଆଉ ଶ୍ରେଣୀଗୃହ ମଧ୍ୟରେ ସୀମିତ ହୋଇ ରହିନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥାନୀୟ ଐତିହ୍ୟ, ଐତିହାସିକ ଘଟଣା ଏବଂ ଇତିହାସ ପୁରୁଷଙ୍କ ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବାର ଉପକ୍ରମ କରୁଛି। ଜନ୍ମମାଟିର ଇତିହାସ ପ୍ରତି ଆମର ଦାୟିତ୍ୱ ରହିଛି ତେଣୁ ଆମ ଇତିହାସର ନୂଆ ନୂଆ ଅଧ୍ୟାୟକୁ ଉନ୍ମୋଚନ କରିବା ପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ।




ସମ୍ବଲପୁର ଫାଶକୁଦାରେ ସର୍ବେକ୍ଷଣ ଦ୍ୱାରା ପ୍ରାଚୀନ ସଭ୍ୟତାର ସାକ୍ଷ୍ୟ ପ୍ରମାଣ ଉପଲବ୍ଧ ହୋଇଛି। ସମ୍ବଲପୁର ଆଞ୍ଚଳିକ ଅଭିଲେଖାଗାରର ସଂଗ୍ରହାଧ୍ୟକ୍ଷ ବା କ୍ୟୁରେଟର କିଶୋର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଭିଲେଖାଗାରରେ କିଭଳି କାଗଜପତ୍ର ଓ ଦସ୍ତାବିଜ ଦେଖିହେବ ସେ ବାବଦରେ ସଭାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଭିଲେଖାଗାରରେ ଉଭୟ ସରକାରୀ ଓ ବେସରକାରୀ କାଗଜପତ୍ର ରଖାଯାଏ। କେହି ମଧ୍ୟ ମହତ୍ୱପୂର୍ଣ୍ଣ କାଗଜପତ୍ର ସଂଗ୍ରହ କରି ପ୍ରଦାନ କଲେ ଅଭିଲେଖାଗାର ତାକୁ କ୍ରୟ ମଧ୍ୟ କରେ। ଏତଦ୍ୱାରା ଛାତ୍ର ଛାତ୍ରୀ, ଲେଖକ, ଐତିହାସିକ, ଅଧ୍ୟାପକ ଓ ଅନ୍ୟମାନେ ଉପକୃତ ହୁଅନ୍ତି ବୋଲି କହିଛନ୍ତି। ସଭାପତି ଅଭିଭାଷଣରେ ଦୀପକ କୁମାର ପଣ୍ଡା କହିଛନ୍ତି, ଇତିହାସ ପ୍ରାମାଣ ଚାହେଁ। ଅଭିଲେଖାଗାରରେ ଥିବା ଦସ୍ତାବିଜ ସବୁଠାରୁ ସଶକ୍ତ ପ୍ରମାଣ ଅଟେ। ଦିଲ୍ଲୀରେ ଜାତୀୟ ଅଭିଲେଖାଗାର ଥିବା ବେଳେ ରାଜ୍ୟ ରାଜଧାନୀ ଗୁଡିକରେ ରାଜ୍ୟ ଅଭିଲେଖାଗାର ଅଛି। ଆମର ସୌଭାଗ୍ୟ ଯେ ସମ୍ବଲପୁରରେ ଆଞ୍ଚଳିକ ଅଭିଲେଖାଗାର ରହିଛି। ଆମେ ଏହାର ସୁବିଧା ନେବା ଓ ପୂର୍ଣ୍ଣ ଉପଯୋଗ କରିବା ଆବଶ୍ୟକ। ସମ୍ବଲପୁର ଆଞ୍ଚଳିକ ଅଭିଲେଖାଗାରର କର୍ମକର୍ତ୍ତା ଚକ୍ରଧର ନାୟକ, ଜଗନ୍ନାଥ ପାଣ୍ଡେ ଓ ସିଦ୍ଧାର୍ଥ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ।

# ଡିଏଭି ବୁର୍ଲାରେ ମହାତ୍ମା ହଂସରାଜ ଜୟନ୍ତୀ

**ବୁର୍ଲା, ୧୯।୪(ସମିସ):** ବୁର୍ଲାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବିଦ୍ୟାଳୟରେ ଡିଏଭି ଆନ୍ଦୋଳନର ପ୍ରତିଷ୍ଠାତା ତଥା କର୍ଣ୍ଣଧାର ମହାତ୍ମା ହଂସରାଜଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ମହର୍ଷି ଦୟାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହାତ୍ମା ହଂସରାଜଙ୍କ ଶିକ୍ଷା ତଥା ଭାରତୀୟ ସଂସ୍କୃତ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ଶଶିଧର ପତି ମହାତ୍ମାଙ୍କ ଅବଦାନକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ। ସଙ୍ଗୀତ ଶିକ୍ଷକ ନିର୍ମଳ ଚନ୍ଦ୍ରଦାଶ ଆଦ୍ୟ ପ୍ରଣବ ଧ୍ୱନି ଓମକାର ଉପରେ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଅଜୟ କୁମାର ମିଶ୍ର ସଞ୍ଚାଳନା କରିବ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର, ୧୯।୪(ସମିସ):** ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତ ଉଦ୍‌ଘାଟିତ ହୋଇଯାଇଛି। ଭିଏସଏସ ଷ୍ଟାଡିୟମରେ ମିନି (୯-୧୧ ବର୍ଷରୁ କମ) ଓ ସବ୍‌ଜୁନିୟର(୧୩ ବର୍ଷରୁ କମ) ବ୍ୟାଡମିଣ୍ଟନ ପ୍ରତିଯୋଗିତା ୧୯ ଏପ୍ରିଲରୁ ଆରମ୍ଭ ହୋଇ ୨୧ ଏପ୍ରିଲରେ ଶେଷ ହେବ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଅଧିକ ପୁଅଝିଅ ଭାଗ ନେବା ପାଇଁ ଆସିଛନ୍ତି। ଆଜିର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସ୍‌ନ(ଓଏସବିଏ)ର କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ଯୁଗ୍ମ ସଚିବ ଓଏସବିଏ ଶୈଳେନ୍ଦ୍ର ଚୌଧୁରୀ ଓ ଜୟ ପ୍ରକାଶ ସିଂ, ଏବଂ ସମ୍ବଲପୁର ବ୍ୟାଡମିଣ୍ଟନ ଆସୋସିଏସନର ନିଳୀନ କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




# ଅସହ୍ୟ ତାତିରେ ସହର ଶୂନ୍‌ଶାନ୍





**ସମ୍ବଲପୁର, ୧୯।୪(ସମିସ)**

ରାଜ୍ୟ ସାରା ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସମ୍ବଲପୁରର ମଧ୍ୟ ଆଜି ତାପମାତ୍ରା ୪୨.୫ ଡିଗ୍ରୀ ରହିଥିଲା। ଦିନ ୧୦ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଜରୁରୀ କାମ ନ ହେଲେ ଲୋକେ ବାହାରକୁ ବାହାରୁ ନାହାନ୍ତି। ଗ୍ରାମାଞ୍ଚଳ ସହିତ ମହାନଗରର ସମସ୍ତ ମୁଖ୍ୟରାସ୍ତାରେ ପ୍ରାୟ ୧୧ଟା ପରେ ଯାତାୟତ ହୋଇପାରୁନାହାନ୍ତି। ଗତ ୧୬ ତାରିଖ ଠାରୁ କ୍ରମାଗତ ଭାବେ ତାପମାତ୍ରା ଉପର ମୁହାଁ ହୋଇ ଚାଲିଛି। ସହରବାସୀ ଗରମରେ ହନ୍ତସନ୍ତ ହୋଇଯାଉଛନ୍ତି। ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ସହରକୁ ବାହାରୁ ଆସୁଥିବା ଯାତ୍ରୀ ତଥା ବିଭିନ୍ନ କାମରେ ଘରୁ ଟୋପାଏ ପାଇଁ ଡହଳବିକଳ ହେବାକୁ ପଡୁଛି। ବୁଲା ପଶୁପକ୍ଷୀଙ୍କ ପାଇଁ ସରକାରୀ ଯୋଜନା ସତ୍ତ୍ୱେ ପ୍ରାଣୀଧନ ବିଭାଗ ପକ୍ଷରୁ ପାଣିକୁଣ୍ଡ ବ୍ୟବସ୍ଥା କରାଯାଇ ନଥିବା ଅଭିଯୋଗ ହେଉଛି। ଆଜି ଦିନସାରା ସହରବାସୀ ଗରମରେ ଆଉଟୁପାଉଟୁ ହୋଇଥିଲେ।। ସକାଳ ୯ ଟାରୁ ଗରମ ସମୟ ବଢ଼ିବା ସହିତ ତାତିଲା ପବନ ପ୍ରବାହିତ ହେଉଛି। ସ୍ୱାସ୍ଥ ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ମେଡିକାଲରେ ସ୍ୱତନ୍ତ୍ର ଶଯ୍ୟା ରଖା ଯାଇଛି। ସେହିପରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଡାକ୍ତର ଖାନାରେ ମଧ୍ୟ ୨ଟି ଲେଖାଏଁ ଶଯ୍ୟା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅମ୍ଳଜାନ ସହିତ ସମସ୍ତ ଜରୁରୀ ଔଷଧ ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୫୦ଟି ସ୍ଥାନରେ 'ଜଳଛତ୍ର' ଖୋଲାଯାଇଛି। ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ମୁଖ୍ୟରାସ୍ତା ଓ ଛକ କରେ ଥିବା ୨୨ଟି 'ଅମୃତଧାରା' ଓ ୫୦ଟି ଜଳଛତ୍ର'କୁ କାର୍ଯ୍ୟକ୍ଷମ ହୋଇଛି।



ଶରଧା ଘାଟରେ ଡଙ୍ଗାବୁଡ଼ି ଘଟଣା

# ବେନିୟମ ଭାବେ ଚାଲୁଥିଲା ଡଙ୍ଗା

ଝାରସୁଗୁଡ଼ା, ୧୯।୪(ସମିସ)

ଶରଧାର ଯାତ୍ରୀମାନଙ୍କୁ ନେଇ ମହାନଦୀ ପାର ହେଉଥିବା ଦଦରା ଡଙ୍ଗା ବେନିୟମ ଭାବରେ ଚାଲୁଥିଲା। ରେମତା ପଞ୍ଚାୟତ ପକ୍ଷରୁ ଏହି ଡ଼ଙ୍ଗା ଚଳାଚଳ ପାଇଁ କୌଣସି ଅନୁମତି କିମ୍ବା ନିଲାମ କରାଯାଇ ନ ଥିଲା। ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂହ ନିଜେ ଏହି ଡ଼ଙ୍ଗାକୁ ଚଲାଇବାକୁ ଅନୁମତି ଦେଇଥିଲେ। ସମସ୍ତ ସରକାରୀ ନିୟମକୁ ଉଲଂଘନ କରି ଏହ ଡ଼ଙ୍ଗାକୁ ସରପଞ୍ଚ ତାଙ୍କର ପତିଆରା ଦେଖାଇ ଚଲାଉଥିଲେ। ଏମିତିକି ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଲାଇଫ ଜ୍ୟାକେଟ ମଧ୍ୟ ଉକ୍ତ ଡ଼ଙ୍ଗାରେ ନଥିଲା। ଏମିତିକି ଗତ ଦୁଇବର୍ଷ ହେବ ସରପଞ୍ଚପ୍ରଫୁଲ୍ଲ ସିଂହ ଓ ୱାର୍ଡ଼ମେମ୍ବର ବାବୁଲୁ ଭୋଇ ଏହି ଡ଼ଙ୍ଗାର ନିଲାମ ନ କରି ନିଜେ ଚଲାଉଥିଲେ। ଦୈନିକ ଏହି ଡ଼ଙ୍ଗାରୁ ୮ ରୁ ୧୦ ହଜାର ଟଙ୍କା ଆୟ ହେଉଥିଲା। ଆଦାୟ ହେଉଥିବା ଟଙ୍କା ସରପଞ୍ଚ ଏବଂ ୱାର୍ଡ଼ମେମ୍ବର ପଞ୍ଚାୟତରେ ଜମା କରିଛନ୍ତି କି ନାହିଁ ତାହା ତଦନ୍ତ ସପେକ୍ଷ।





## ସରପଞ୍ଚ ଓ ୱାର୍ଡ଼ ସଭ୍ୟଙ୍କୁ ମାଡ଼

ଡ଼ଙ୍ଗାରେ ଏକାଥରକରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆଣିବାକୁ କୁଆଡେ ସରପଞ୍ଚ ପ୍ରଫୁଲ୍ଲ ସିଂହ ତାଙ୍କ ନାଉରିଆଙ୍କୁ କହିଥିଲେ। ନାଉରିଆ ଦୁଇ ଜଣ ମଧ୍ୟ କୁଆଡ଼େ ମାତାଲ ଅବସ୍ଥାରେ ଡ଼ଙ୍ଗା ଚଲାଉଥିବା ଡ଼ଙ୍ଗାରେ ବସିଥିବା ଲୋକେ ଅଭିଯୋଗ କରିଛନ୍ତି। ଡ଼ଙ୍ଗା ବୁଡ଼ିଯିବା ସମୟରେ ସରପଞ୍ଚ ଓ ୱାର୍ଡ଼ମେମ୍ବର ଶରଧାକୁ ଆସିଥିବାବେଳେ ଗ୍ରାମବାସୀମାନେ ଉଭୟ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

## ଉଦ୍ଧାର କାର୍ଯ୍ୟରେ ସନ୍ତୁଷ୍ଟ ହେଲେ ରାୟଗଡ଼ ଜିଲ୍ଲାପାଳ

ମହାନଦୀରେ ଡ଼ଙ୍ଗାବୁଡ଼ିବା ପରେ ଘଟଣାସ୍ଥଳରେ ଝାରସୁଗୁଡ଼ା ଜିଲ୍ଲାପାଳ, ଏସପିଙ୍କ ସମେତ ଅନ୍ୟାନ ଅଧିକାରୀ ଓ ଉଦ୍ଧାରକାରୀ ଦଳ ମଧ୍ୟରେ ଅଗ୍ନିଶମ ବିଭାଗ, ଓଡ୍ରାଫ ସହିତ ସ୍ୱତନ୍ତ୍ର ସ୍କୁବା ଡାଇଭର ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏମିତିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷାଣା କରିବା ନେଇ ଛତିଶଗଡ଼ର ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋୟଲ ଧନ୍ୟବାଦ ଅର୍ପଣ କରିବା ସହିତ ଓଡ଼ିଶା ସରକାରଙ୍କ ଏହ ତତ୍ପରତା ପାଇଁ ସନ୍ତୋଷ ପ୍ରକାଶ କରିଛନ୍ତି।

## କାନ୍ଦବୋବାଳିରେ ଫାଟିପଡୁଛି 'ଶରଧା'

ଲୋକେ ଅତି ଶରଧାରେ ପତରସେନୀ ମନ୍ଦିର ଦର୍ଶନ କରି ଫେରୁଥିଲେ। ମହାନଦୀ ମଝିରେ ଏହି ଡ଼ଙ୍ଗା ବୁଡ଼ିବା ଦ୍ୱାରା ସ୍ଥାନୀୟ ମତ୍ସଜୀବୀମାନେ ଲୋକଙ୍କୁ ଉଦ୍ଧାର କରିଥିଲେ। ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର କରିବା ପରେ ଡ଼ଙ୍ଗାବୁଡ଼ିରୁ ରକ୍ଷା ପାଇଥିବା ଲୋକେ ନିଜ ପରିବାର ସ୍ୱଜନକୁ ନ ପାଇ ଧର୍ଯ୍ୟହରା ହୋଇପଡ଼ିଥିଲେ। କାନ୍ଦବୋବାଳିରେ ଶରଧା ଫାଟି ପଡ଼ିଥିଲା। ମହିଳା ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଶିଶୁଟି ମହିଳାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

## ଆଶ୍ଚର୍ଯ୍ୟଜନକ ଭାବେ ରକ୍ଷା ପାଇଲା ବର୍ଷକର ଶିଶୁ

ଶରଧା ଡଙ୍ଗାବୁଡ଼ିରେ ଆଶ୍ଚର୍ଯ୍ୟଜନକ ଭାବରେ ଜଣେ ବର୍ଷକର ଶିଶୁ ରକ୍ଷା ପାଇଯାଇଛି। ଶିଶୁ ଜଣକ ନିଜ ପରିବାର ସହିତ ଏହ ଡ଼ଙ୍ଗାରେ ଯାତ୍ରା କରୁଥିଲା। କିନ୍ତୁ ମଝି ମଦୀରେ ଏହି ଡ଼ଙ୍ଗାଟି ବୁଡ଼ି ଯିବାରୁ ସମସ୍ତ ଲୋକେ ପାଣିରେ ବୁଡ଼ି ଯାଇଥିଲେ। ଏଥିରେ ଶିଶୁ ଜଣକ ମଧ ତା ମା'ଙ୍କ ସହିତ ବୁଡ଼ିବାରେ ଲାଗିଥିଲା। ଏ ପର୍ଯ୍ୟନ୍ତ ଶିଶୁଟିର ମା' ନିଖୋଜ ଥିବା ଜଣାପଡ଼ିଛି।

## ଘଟଣାସ୍ଥଳରେ ଆରଡିସି

ଶରଧା ଡ଼ଙ୍ଗାବୁଡ଼ି ଘଟଣାସ୍ଥଳରେ ସମ୍ବଲପୁର ଆରଡ଼ିସି ଶ୍ରୀକାନ୍ତ ପୃଷ୍ଟି ରାତି ୯ଟାରେ ଶରଧାର ପହଞ୍ଚି ସ୍ଥିତି ପରଖିବା ସହିତ ଉଦ୍ଧାର କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ରାତିରେ ମଧ୍ୟ ଉଦ୍ଧାର କାର୍ଯ୍ୟ କିଭଳି ଭାବରେ ଚାଲିପାରିବ ସେନେଇ ଓଡ୍ରାଫ ସହିତ ଆଲୋଚନା ମଧ କରିଛନ୍ତି।

## ସ୍ୱତନ୍ତ୍ର ବିମାନରେ ସ୍କୁବା ଡାଇଭର ଓ କ୍ୟାମେରା ଟିମ୍

ସ୍ୱତନ୍ତ୍ର ବିମାନରେ ସ୍କୁବା ଡାଇଭର ଓ କ୍ୟାମେରା ଦଳର ୫ ଜଣିଆ ଟିମ୍ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିଛନ୍ତି। ଯଦିଓ ଖବର ଲେଖାଯିବା ପର୍ଯ୍ୟନ୍ତ ଶରଧାକୁ ଏହି ଦଳ ପହଞ୍ଚି ନାହାନ୍ତି ତଥାପି ସ୍କୁବା ଡାଇଭର ଦଳ ଆସନ୍ତାକାଲି ଉଦ୍ଧାର କାର୍ଯ୍ୟ କରିବାର ଯୋଜନା ରହିଛି।









# କୁବେଡେଗାରେ ବାସନ୍ତୀକ ଦୁର୍ଗାପୂଜା

ଭେଡେନ, ୧୯।୪ (ସମିସ): ଭେଡେନ ବ୍ଲକ ଅନ୍ତର୍ଗତ କୁବେଡେଗା ଗ୍ରାମରେ ଚାଲିଥିବା ୩୩ତମ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଅନୁଷ୍ଠିତ ପୂଜାରେ ପଣ୍ଡିତଭାବରେ ଦେବବ୍ରତ କର ଏବଂ ପରେଶ ମିଶ୍ର ଦାୟିତ୍ୱ ନିର୍ବାହ କରିଥିବା



ବେଳେ କର୍ତ୍ତାଭାବରେ ସୁବୋଧ କୁମାର ଶତପଥୀ ଓ ସୁରମା ଶତପଥୀ, ଅଶ୍ୱିନୀ ଶତପଥୀ ଓ ଶୁଭ୍ରାଞ୍ଜଳୀ ଶତପଥୀ ଦାୟିତ୍ୱ ତୁଲାଇଥିଲେ। ସର୍ବଶ୍ରୀ ଜନାର୍ଦ୍ଦନ ଶତପଥୀ, ସନାତନ ଶତପଥୀ, ଶିବନାରାୟଣ ଷଡଙ୍ଗୀ, ସାନନ୍ଦ ତ୍ରିପାଠୀ, ସୁଦାମ ଚରଣ ମିଶ୍ର, ସୁକାନ୍ତ ଶେଖର ଶତପଥୀ, ରିତେଶ ଶତପଥୀ, ଯୋଗେଶ୍ୱର ଶତପଥୀ, ଟଙ୍କଧର ଷଡଙ୍ଗୀ, ପ୍ରଣୟ ତ୍ରିପାଠୀ ପ୍ରମୁଖ ପୂଜା ଓ ହୋମ କାର୍ଯ୍ୟରେ ସହଯୋଗ କରିଥିଲେ। ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ ମାଁ ବାସନ୍ତିକ ଦୁର୍ଗାଙ୍କ ଏବଂ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପୂଜକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ରାମଲୀଳା ଅନୁଷ୍ଠିତ ହୋଇଥିଲା ରାବଣ ବଧ ସହ ରାମଲିଳା ଉଦଯାପିତ ହୋଇଥିଲା। ରାବଣ ଭୂମିକାରେ ବୃନ୍ଦାବନ ପଧାନ ଚମତ୍କାର ଅଭିନୟ କରିଥିଲେ। ମନ୍ତ୍ରୀ ଭାବରେ ଗଣେଶ ରଣା, ସେନାପତି ଷଡ଼ାନନ ବିଶି, ନରେନ୍ଦ୍ର ପ୍ରଧାନ, ବିଭିଷଣ ଭୂମିକାରେ ସୁବାସ ସାହୁ ଅଭିନୟ କରିଥିଲେ। ପରେ ରାମ, ସୀତା ଓ ଲକ୍ଷ୍ମଣଙ୍କ ନଗର ପରିଭ୍ରମଣ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ସହଯୋଗ ପାଇଁ କମିଟି ସଭାପତି ଶମ୍ଭୁ ନାରାୟଣ ସାହୁ (କୁବେଡେଗା) ଉପସଭାପତି ଶମ୍ଭୁନାରାୟଣ ସାହୁ (ନୂଆପାଲି) ସମ୍ପାଦକ ଗୋପିନାଥ ଭୁଏ, ସହସମ୍ପାଦକ ଟୁକୁ ପତି, କୋଷାଧ୍ୟକ୍ଷ ଅଶ୍ୱିନୀ ଶତପଥୀ ଓ ଘନଶ୍ୟାମ ମହାକୁର ତଥା ଉପଦେଷ୍ଟା ମଧୁସୂଦନ ତ୍ରିପାଠୀ ପ୍ରମୁଖ ଧନ୍ୟବାଦ ଜଣାଇଥିଲେ।

# ମା' ଦୁର୍ଗା ମନ୍ଦିରରେ ବାସନ୍ତୀକ ନବଦିନାତ୍ମକ ପୂଜା

**କୋଲାବିରା, ୧୯।୪(ସମିସ):** ସମାସିଙ୍ଘାସ୍ଥିତ ଶ୍ରୀ ଶ୍ରୀ ମା' ଦୁର୍ଗା ମନ୍ଦିରରେ ଅନୁଷ୍ଠିତ ହେଉଥିବା ବାସନ୍ତୀକ ନବଦିନାତ୍ମକ ପୂଜା ଶୁକ୍ରବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ପ୍ରତ୍ୟହ ମା'ଙ୍କ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଷନୀ ପୂଜା, ନବପତ୍ରିକା ପୂଜା, ପାର୍ଶ୍ୱଦେବତା ପୂଜା, ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅମାବାସ୍ୟାଠାରୁ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ପୂଜା ମହୋତ୍ସବରେ ଶତାଧିକ ଭକ୍ତ ମା'ଙ୍କ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ମା' ଦୁର୍ଗା ମନ୍ଦିରରେ ଦଶଭୁଜା, ଚଣ୍ଡୀ, ମହାମୟୀ, ଶ୍ରୀରାମଙ୍କ କ୍ଷୀରାଭିଷେକ, ସାମୂହିକ ହନୁମାନ ଚାଲିଶା ପଠନ କରାଯାଇଥିଲା। ତୁଳରାମ ପଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କ୍ଷୀରୋଦ ପୂଜାରୀ, ନିରଞ୍ଜନ ସେନାପତି, ଅଙ୍କୁଶ ପାଣିଗ୍ରାହୀ ପ୍ରମୁଖ ମଣ୍ଡିତମାନେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଦିବସରେ ଯୋଗେଶ୍ୱର ସେନାପତି, ଅଜିତ ରଣା, ବିଜୟ ନାୟକ, ମନୋଜ କାଲୋ, ପ୍ରକାଶ ସାହୁ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# ପୁଲିସକୁ ଆକ୍ରମଣ କରି ଦୁଇ ଗିରଫ

**ଝାରସୁଗୁଡ଼ା, ୧୯।୪(ସମିସ):** ପାଟ୍ରୋଲିଂ ଦାୟିତ୍ୱରେ ଥିବା ଝାରସୁଗୁଡ଼ା ପୁଲିସକୁ ସର୍ବସାଧାରଣ ସ୍ଥାନରେ ଗାଳିଗୁଳଜ, ଧମକ ଚମକ ଏବଂ କଲର ଧରି ଟଣାଓଟରା ସହିତ ଆକ୍ରମଣ କରିବା ଅଭିଯୋଗରେ ଦୁଇ ଜଣ ଗିରଫ ହୋଇଛନ୍ତି। ଗିରଫ ଦ୍ୱୟ ହେଲେ ସହରର ଦିପୁପଡ଼ାର ଅଜୟ ଯାଦବ ଏବଂ ଚୌକିପଡ଼ାର ଏଲ୍ ବିବେକ ରାଓ। ସେମାନେ ବ୍ୟବହାର କରିଥିବା ବୁଲେଟ ଓଡି୨୩ଏନ-୪୨୫୬କୁ ମଧ୍ୟ ଜବତ କରାଯାଇଛି। ଗତ ୧୮ ତାରିଖ ଦିନ ରାତିରେ ଉକ୍ତ ଦୁଇ ଯୁବକ ଏବ ବୁଲେଟରେ ବିକଟାଳ ଶବ୍ଦ କରି ଦ୍ରୂତ ଗତିରେ ସରବାହାଲ ପଟୁ ଝଣ୍ଡାଚୌକ ଅଭିମୁଖେ ଆସୁଥିବା ଦେଖି ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲା। ମାତ୍ର ସେମାନେ ସେଠାରୁ ଖସି ଯିବାର ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବାରେ ଯୁବକ ଦ୍ୱୟ ଯୁକ୍ତିତର୍କ ଓ ଗାଳିଗୁଳଜ ଆରମ୍ଭ କରିଥିଲେ। ସେମାନେ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ପୁଲିସ କହିଛି

# ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ଅଭିଯୋଗ

**ଦେବଗଡ଼, ୧୯।୪ (ସମିସ):** ଦେବଗଡ଼ ଜିଲ୍ଲାରେ ଅଂଶୁଘାତରେ ଜଣେ ଯୁବକ ଓ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ନେଇ ବାରକୋଟ ଓ କୁଣ୍ଢେଇଗୋଲା ଥାନାରେ ଅଭିଯୋଗ ହୋଇଛି। ଉଭୟଙ୍କ ମୃତଦେହ ଆଜି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ପୁଲିସ ସୂଚନା ଦେଇଛି। ମୃତକ ହେଲେ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ବ୍ରାହ୍ମଣପାଲି ଗ୍ରାମର ୭୦ ବର୍ଷିୟା ବୃଦ୍ଧା ଲିଙ୍ଗ ବେହେରା ଓ ଅନ୍ୟଜଣକ ବାରକୋଟ ଥାନା ଅନ୍ତର୍ଗତ ବିଛାଖଣି ଗ୍ରାମର ଟିକେଶ୍ୱର ନାଏକ (୨୯)। ଟିକେଶ୍ୱରଙ୍କ ମୃତଦେହ ନଳବନ୍ଧ ଗ୍ରାମସ୍ଥିତ ଦେଶୀ ମଦ ଭାଟି ନିକଟରୁ ଉଦ୍ଧାର ହୋଇଥିବା ବେଳେ ମହୁଲ ଗୋଟାଇବାକୁ ଯାଇଥିବା ବୃଦ୍ଧା ଲିଙ୍ଗଙ୍କ ମୃତଦେହ ଜଙ୍ଗଲ ନିକଟରୁ ମିଳିଥିଲା। ସେହିପରି ଜଣେ ଶିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ କକ୍ଷରେ ଚିକିତ୍ସିତ ଥିବା ଡାକ୍ତର ମନୋରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଗତକାଲିଠାରୁ ଦେବଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଦିନ ୧୧ଟା ପରଠାରୁ ରାସ୍ତାଘାଟ ଶୁନଶାନ ହୋଇ ପଡୁଥିବା ଦେଖାଯାଉଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲା ଯାଇଛି। ସେହିପରି ପ୍ରଚୁର ପାଣି ପିଇବା ସହ ଅତ୍ୟାବଶ୍ୟକ କାର୍ଯ୍ୟ ନଥିଲେ ଘରୁ ବାହାରକୁ ନ ଯିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ ଡାକ୍ତର ମନୋରଞ୍ଜନ ସାମଲ ପରାମର୍ଶ ଦେଇଛନ୍ତି।

# ସମ୍ମିଳିତ ଆଦିବାସୀ ସମାଜର ସମୀକ୍ଷା ବୈଠକ

**ଝାରସୁଗୁଡା, ୧୯।୪(ସମିସ):** ସମ୍ମିଳିତ ଆଦିବାସୀ ସମାଜର ଏକ ସମୀକ୍ଷା ବୈଠକ କାପୁମାଲ ଗୋଁଣ୍ଡ ଭବନ ଠାରେ ସଂଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।




୧୧ଟି ଆଦିବାସୀ ସମାଜ ଗୋଁଣ୍ଡ, କିସାନ, ଓରାମ, ମୁଣ୍ଡା, ଖଡିଆ, ଭୂୟାଁ, ସବର, ସହରା, କୋହ୍ଲ, କନ୍ଧ, ବନଜାରା ଆଦିକୁ ନେଇ ଆସନ୍ତା ମଇ ଦ୍ୱିତୀୟ ସପ୍ତାହରେ ତିନି ଦିନ ବ୍ୟାପୀ କିର୍ମିରା ଠାରେ ଆଦିବାସୀ ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ଶକ୍ତିମେଳାରେ ସମସ୍ତ ଆଦିବାସୀମାନଙ୍କ ଦେବାଦେବୀ ପୃଥକ ପୃଥକ ଭାବରେ ପୂଜନ ହେବା ସହିତ ସମସ୍ତଙ୍କ ପାରମ୍ପରିକ ନାଚଗୀତ ପ୍ରଦର୍ଶିତ ହେବ। ଏହି ମେଳାରେ ଜିଲ୍ଲା, ରାଜ୍ୟ ତଥା ଦେଶର ବହୁ ଆଦିବାସୀ ନେତୃମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆଦିବାସୀମାନଙ୍କ ମଧ୍ୟରେ ଚିହ୍ନା ପରିଚିତ ହେବା ସହିତ ସାମାଜିକ ରୀତିନୀତି ଲୋକଲୋଚନକୁ ଅଣାଯିବ। ସମ୍ମିଳିତ ଆଦିବାସୀ ସମାଜ ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବା ପାଇଁ ଦୋହରେଇଛନ୍ତି। କିଛି ଦିନ ଆଗରୁ ଜିଲ୍ଲାରେ ଏକ ଅଜଣା ଆଦିବାସୀ ସଂଗଠନ ଦ୍ୱାରା ଘୋଷିତ ଆଦିବାସୀ ପ୍ରାର୍ଥୀକୁ ସମ୍ମିଳିତ ଆଦିବାସୀ ସମାଜ ଅଗ୍ରାହ୍ୟ କରିଛି। ଏହି ସମୀକ୍ଷା ବୈଠକରେ ସଂଗଠନର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ପ୍ରମୁଖ ସଚିବ

**କିର୍ମିରାରେ ଆଦିବାସୀ ଶକ୍ତି ମେଳା ଅନୁଷ୍ଠିତ ହେବ**

ଅଶୋକ ମାଝୀ, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ପ୍ରେମସାଗର ଧୁରୁଆ, ଡମ୍ବରୁଧର ନାଏକ, ବାସୁଦେବ ଧୁରୁଆ, ରାଜେଶ ନେଟୀ, ତ୍ରିଲୋଚନ ଡନସନା, ଧର୍ମେନ୍ଦ୍ର କିସାନ, ବିରେନ ମରେଇ, ପ୍ରେମାନନ୍ଦ ବିଶ୍ୱାଳ, ରାଜେଶ ମୁଣ୍ଡା, ମୋହନ ସବର, ପୁରୁଷୋତ୍ତମ ନେଟୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହୁଲ ସହ ଟ୍ରକ୍ ଜବତ, ୨ ଗିରଫ



**ଦେବଗଡ଼, ୧୯।୪(ସମିସ):** ବେଆଇନ ମହୁଲ ଚାଲାଣ ବେଳେ ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରିଆମାଳ ଥାନା ଅନ୍ତର୍ଗତ ବରଘାଟ ଗ୍ରାମ ପଟୁ ଜମନକିରା ପଟକୁ ଏକ ମିନିଟ୍ରକ୍ ଯୋଗେ ବେଆଇନ ମହୁଲ ବୋଝେଇ ହୋଇ ଚାଲାଣ ହେଉଥିଲା। ସୂଚନା ପାଇ ଜିଲ୍ଲା ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁଙ୍କ ନେତୃତ୍ୱରେ ସଦଳେବଳେ ଚଢ଼ଉ କରି ମିନିଟ୍ରକକୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବିନା କାଗଜପତ୍ରରେ ପ୍ରାୟ ୫୦ କ୍ୱିଣ୍ଟାଲ ମହୁଲ ବେଆଇନ ଚାଲାଣ କରୁଥିବା ଜାଣିବା ପରେ ମହୁଲ ସହ ଟ୍ରକ୍‌କୁ ଜବତ କରାଯାଇଥିଲା ବେଳେ ବରଘାଟ ଗ୍ରାମର ମଦନ କୁମାର ଜୟପୁରିଆ ଓ ଅନନ୍ତ ଜମକିଆରଙ୍କୁ ଗିରଫ କରାଯାଇଛି।

# ସମ୍ଭାବ୍ୟ ରୌଦ୍ରତାପର ମୁକାବିଲା ଓ ସଫଳ ନିର୍ବାଚନ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୯।୪(ସମିସ)

ଆସନ୍ତା ସାଧାରଣ ନିର୍ବାଚନ ସମୟରେ ସମ୍ଭାବ୍ୟ ରୌଦ୍ରତାପର ମୁକାବିଲା ସହ ନିର୍ବାଚନର ସଫଳ ପରିଚାଳନା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମତଦାନ ପୂର୍ବଦିନ, ମତଦାନ ଦିନ, ଗଣତି ଓ ପୂର୍ବ ଦିନ, ମତଦାନ କେନ୍ଦ୍ରକୁ ଆନୁସଙ୍ଗିକ



ସାମଗ୍ରୀ ନେବା ଦିନ ଓ ସେ ସବୁକୁ ଗ୍ରହଣ କରିବା ଦିନ, ଷ୍ଟ୍ରଙ୍ଗ ରୁମ, ମତଦାନ କେନ୍ଦ୍ର ଓ ଭୋଟ ଗଣତି କେନ୍ଦ୍ରରେ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ରହିବ ସେ ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମତଦାନ ଅନୁଷ୍ଠିତ ହେଉଥିବା ବିଦ୍ୟାଳୟମାନଙ୍କରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ସହ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତଦାରଖ ଓ ଏହାକୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ମତଦାନ ଦିନ ଆବଶ୍ୟକସ୍ଥଳେ ଜଳଛତ୍ରର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭୋଟଗ୍ରହଣ କେନ୍ଦ୍ରଗୁଡିକରେ ଆବଶ୍ୟକ ସ୍ଥଳେ ଭାଙ୍ଗିଥିବା ପାଚେରୀ, ଝରକା ଓ କବାଟ ମରାମତି, ଡାକ୍ତର ଓ ପାରା ମେଡ଼ିକାଲ କର୍ମଚାରୀ ମୁତୟନ, ଏନ୍‌ସିସି, ଏନ୍ ଏସ୍ ଏସ୍ ଓ ସ୍କାଉଟ ଗାଇଡ ମୁତୟନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭୋଟଦାନ ପାଇଁ ଆବଶ୍ୟକୀୟ ସାମଗ୍ରୀ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଆଦିଙ୍କ ଯାତାୟତ ସକାଶେ ଆବଶ୍ୟକୀୟ ଯାନବାହନର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭ୍ରାମ୍ୟମାଣ ମେଡ଼ିକାଲ ଭ୍ୟାନ ପ୍ରସ୍ତୁତ ରଖିବା ଓ ନିର୍ବାଚନ ଦିନ ନିୟୋଜିତ ହେବାକୁ ଥିବା ସମସ୍ତ କର୍ମଚାରୀ ଯେପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା ଅନ୍ତର୍ଭୁକ୍ତ ହେବେ ଓ ଆବଶ୍ୟକ ହେଲେ ମାଗଣା ଚିକିତ୍ସାର ସୁବଧା ପାଇ ପାରିବେ ସେ ନେଇ ନିର୍ଦ୍ଦେଶ ଦିଆଯାଇଛି।

# ଦ୍ରୁତ ଗତିରେ ଚାଲିଛି ଅମଠି ଅଙ୍ଗ ନଦୀ ପୋଲ

**ଝାରବନ୍ଧ, ୧୯।୪ (ସମିସ):** ଝାରବନ୍ଧ ବ୍ଲକ ଅମଠି ଠାରେ ଥିବା ଅଙ୍ଗନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ କାମ ଦ୍ରୁତ ଗତିରେ ଚାଲିଛି। ପୁରୁଣା ପୋଲ ସଂକୀର୍ଣ୍ଣ ଓ ବିପଦପୂର୍ଣ୍ଣ ଥିବାରୁ ଯାତାୟତର ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସଂକୀର୍ଣ୍ଣ ପୋଲରେ କେବଳ ଗୋଟିଏ ଗାଡି ଯାଇ ପାରୁଥିଲା। ତେଣୁ



ଜନ ସାଧାରଣ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ନୂତନ ପୋଲ ପାଇଁ ଦାବି କରିଥିଲା। ରାଜ୍ୟ ସରକାର ଏହି ପୋଲ ପାଇଁ ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୭.୮୭କୋଟି ଅନୁଦାନ ମଞ୍ଜୁର କରିଥିଲେ। ଗତ ୧।୧୧।୨୩ରୁ ଆରମ୍ଭ ହୋଇ ଥିବା ପୋଲର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ଏହି ନିର୍ମାଣ ଚଳିତ ବର୍ଷରେ ସମ୍ପୂର୍ଣ୍ଣ ହେବ ବୋଲି ନିର୍ମାଣ କରୁଥିବା ଠିକାସଂସ୍ଥା ଆଶା ରଖିଛନ୍ତି। ଏହି ପୋଲ ହେବା ଦ୍ୱାରା ପାଇକମାଲ, ଝାରବନ୍ଧ, ଡଭା, ପଦ୍ମପୁର ଅଞ୍ଚଳର ଜନସାଧାରଣ ବିଶେଷ ଉପକୃତ ହେବେ।

# ନିର୍ବାଚନୀ ଖର୍ଚ୍ଚ ତଦାରଖ ଅଧିକାରୀଙ୍କ ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣ

ସୋନପୁର, ୧୯ ।୪(ସମିସ)



ସାଧାରଣ ନିର୍ବାଚନ ୨୦୨୪କୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିୟୋଜିତ ଅଧିକାରୀ ଯେପରି ପ୍ରଦତ୍ତ ଦାୟିତ୍ୱକୁ ଠିକ ଓ ସୂଚାରୁରୂପେ ସମ୍ପାଦନ କରିପାରିବେ ସେଥିପାଇଁ ପ୍ରଶାସନ ତରଫରୁ ନିର୍ବାଚନ ପ୍ରଶିକ୍ଷକଙ୍କ ଦ୍ୱାରା ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ନିର୍ବାଚନ ସମ୍ବନ୍ଧୀୟ ଆଇନର ଅନୁପାଳନକୁ ଠିକ କାର୍ଯ୍ୟକାରିତା, ତଦାରଖ ଓ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସୁବର୍ଣ୍ଣପୁର ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ୬୪-ବୀରମହାରାଜପୁର (ସଂ), ୬୫- ସୋନପୁର (ସାଧାରଣ) ତଥା ୧୦- ବଲାଙ୍ଗୀର ଲୋକ ସଭା ସଂସଦୀୟ କ୍ଷେତ୍ର ନିମନ୍ତେ ଆସନ୍ତା ମେ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏଣୁ ନିର୍ବାଚନକୁ ନିରପେକ୍ଷ ଓ ବ୍ୟବସ୍ଥିତ ପରିଚାଳନା ନିମନ୍ତେ ନିୟୋଜିତ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ ଓ ନିର୍ବାଚନରେ ଅବତୀର୍ଣ୍ଣ ରାଜନୈତିକ ପ୍ରାର୍ଥୀଙ୍କ ପ୍ରତିନିଧିଙ୍କୁ ଖର୍ଚ୍ଚ ପରିଚାଳନାର ବିଧି ବ୍ୟବସ୍ଥା ଉପରେ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଟିମ୍ ନୋଡାଲ ଅଧିକାରୀ ତଥା ସିଡିଓ ଅଶ୍ୱିନୀ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ଶିବିର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସିଟି ଜିଏସଟି ବିକାଶ ରଞ୍ଜନ ମହାନ୍ତି ଓ ଜିଲ୍ଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ଦଳେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ନିମନ୍ତେ ନିୟୋଜିତ ୮ଟି ଏସଏସଟି ଟିମ୍, ୨ଟି ଭିଏସଟି ଟିମ୍, ୮ଟି ଏଫଏସଟି ଟିମ୍, ୨ଟି ଭିଭିଟି ଟିର ନୋଡାଲ ଅଧିକାରୀଙ୍କ ସହ ସଦସ୍ୟ ଅଧିକାରୀ, ଆକାଉଣ୍ଟିଂ ଟିମର ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ଡେପୁଟି ଜିଲ୍ଲାପାଳ ପ୍ରଶିକ୍ଷଣ ନେଇଥିଲେ। ସମସ୍ତ ଟିମ୍ ବିଜ୍ଞପ୍ତି ପ୍ରକାଶ ଦିନଠାରୁ ୨୪ ଘଣ୍ଟିଆ କାର୍ଯ୍ୟ କରିବ।

# ଲାଞ୍ଚ ନେଇ ହରଭଙ୍ଗା ବିଇଓ ଅଫିସ କିରାଣି ଗିରଫ



**ବୌଦ୍ଧ/ହରଭଙ୍ଗା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ରବୀନ୍ଦ୍ର ପାଢ଼ୀ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁରୁବୁଡ଼ା ୟୁଜିଏମଇ ସ୍କୁଲର ଶିକ୍ଷୟିତ୍ରୀ ଅନୁସୟା ନାୟକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଧରା ପଡ଼ିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ଉପରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଏକ ବିଭାଗୀୟ ପ୍ରୋସିଡିଙ୍ଗ ମାମଲାରେ ଶ୍ରୀ ପାଢ଼ୀ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାରମ୍ବାର କାର୍ଯ୍ୟାଳୟକୁ ଡାକି ହଇରାଣ କରୁଥିଲେ। ତେବେ ଶିକ୍ଷକ ଜଣକ ପୂର୍ବରୁ ୨୦ ହଜାର ଟଙ୍କା ଦେଇଥିଲେ। ବକେୟା ୨୦ ହଜାର ଟଙ୍କା ଦେଉଥିବା ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ବୌଦ୍ଧ ଭିଜିଲାନ୍ସ ଟିମ୍ ଧରିଥିଲା। ତାଙ୍କୁ ଗିରଫ କରି ଫୁଲବାଣୀ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ସେଠାରୁ ତାଙ୍କୁ ପଚରାଉଚରା କରିବା ପରେ ଭିଜିଲାନ୍ସ କୋର୍ଟରେ ହଜାର କରାଯିବ। ଭିଜିଲାନ୍ସ ଟିମ୍ ତାଙ୍କ ବାସଭବନ ଏବଂ ପୂର୍ବରୁ ଭଡାରେ ରହୁଥିବା ଘରେ ମଧ୍ୟ ଚଢଉ କରାଯାଇଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ପୁରସ୍କୃତ

**ବୌଦ୍ଧ/ହରଭଙ୍ଗା, ୧୯ ।୪(ସମିସ):** ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରି ଡାକ୍ତରଖାନା ପହଞ୍ଚାଇଥିବା ବ୍ୟକ୍ତିମାନଙ୍କୁ ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାରଙ୍କ ଗୁଡ଼ ସମରଟିଆନ ଯୋଜନାରେ ୧୩ ଜଣ ବ୍ୟକ୍ତିଙ୍କୁ ୨ ହଜାର ଟଙ୍କା ଲେଖାଏଁ ଚେକ୍ ଦେଇ ପୁରସ୍କୃତ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିଥିବା ଲୋକଙ୍କୁ ଉତ୍ସାହିତ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ସେମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ପ୍ରତି ଜନସାଧାରଣଙ୍କ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଲଦୀପ ମୀନା, ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର ସାହୁ, ଯାନବାହନ ନିରୀକ୍ଷକ ଗୋପାଳ ଚନ୍ଦ୍ର ହାଁସଦା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିଆରସିଂଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ନିମନ୍ତ୍ରିତ ଜନସାଧାରଣ ଉପସ୍ଥିତ ଥିଲେ।



## ବୋଲେରୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବୌଦ୍ଧ, ୧୯ ।୪(ସମିସ):** ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ଥାନା ଗାନ୍ଧୀନଗର ନିକଟରେ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜଣକ ବୌଦ୍ଧ ଥାନା ରାଧାନଗର ଗ୍ରାମର ନାରାୟଣ ମେହେର। ବୌଦ୍ଧରୁ ସେ ସଉଦା କିଣି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଗାନ୍ଧୀ ନଗର ନିକଟରେ ସାମ୍ନାରୁ ଆସୁଥିବା ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଯୋଗୁଁ କିଛି ସମୟ ରାସ୍ତାରୋକ କରାଯାଇଥିଲା। ଏହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିଗୁଡ଼ିକ ଅଟକିରହିଥିଲା। ଖବର ପାଇ ବୌଦ୍ଧ ଆଦର୍ଶ ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ଉଭୟ ଗାଡି ଜବତ କରି ତଦନ୍ତ ଆରମ୍ଭ କରିଛି।

## ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୧୯ ।୪(ସମିସ):** ଘଣ୍ଟାପଡ଼ା ଥାନା ସିଆଲଜୁରି ଗ୍ରାମ ନିକଟରେ କଣ୍ଟାମାଳ ଅବକାରୀ ବିଭାଗ ଚଢଉ କରି ମଦ କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ରବୀନ୍ଦ୍ର ମହାକୁଡ (୩୮)। ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା।

## ନିଶାଦ୍ରବ୍ୟ କାରବାରରେ ୩ ଗିରଫ

**ବିନିକା, ୧୯ ।୪(ସମିସ):** ବିନିକା -ସୋନପୁର୍ ମୁଖ୍ୟ ରାସ୍ତାର କର୍ତ୍ତଙ୍ଗ ଛକ ନିକଟରେ ୨ଜଣ ବ୍ୟକ୍ତିଙ୍କଠାରୁ ୬୦ଲିଟର ମଦ ଜବତ ହୋଇଛି। ସେହିଭଳି ବିନିକା ପାପକ୍ଷୟ ଗେଟ ନିକଟରେ ୬କେଜି ଗଞ୍ଜେଇ ଜବତ ହୋଇଛି। ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବିନିକା ଅବକାରୀ ବିଭାଗ ପକ୍ଷରୁ କର୍ତ୍ତଙ୍ଗ ଛକରେ ପାଟ୍ରୋଲିଂ ସମୟରେ କର୍ତ୍ତଙ୍ଗ ଗ୍ରାମର ରାମଶଙ୍କର ସାହୁ ୨୦ ଲିଟର ଓ ସୁଧାଂଶୁ ଶେଖର ସାହୁ ୪୦ ଲିଟର ମଦ ଧରି ଆସୁଥିବା ବେଳେ ଧରା ପଡ଼ିଥିଲେ। ସେହିପରି ବୌଦ୍ଧ ଜିଲ୍ଲା କଣ୍ଟାମାଳର ପିତାମ୍ବର ମୁଖି ସୋନପୁର ପଟରୁ ବାଇକ୍ ଯୋଗେ ଆସୁଥିବା ସମୟରେ ଅବକାରୀ ବିଭାଗ ଅଟକାଇ ୬କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ୩ ଜଣ ଅଭିଯୁକ୍ତଙ୍କ ନାମରେ ପୃଥକ ପୃଥକ ଭାବରେ ମାମଲା ରୁଜୁ କରାଯାଇଥିବା ଅବକାରୀ ଅଧିକାରୀ ବଲବିର ଗଡ଼ନାୟକ ସୂଚନା ଦେଇଛନ୍ତି।

## କୃଷକ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ

**ଶଗଡ଼ା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଖଟଖଟିଆ ପଞ୍ଚାୟତ କୁମରକେଲିରେ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପରମାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାବାର୍ଡ ଡିଡିଏମ୍ ସତ୍ୟସ୍ୱରୂପ ବିନ୍ଧାନ୍ତ, ସୋନପୁର ସେବକ ଅନୁଷ୍ଠାନର ପୋଗ୍ରାମ ମେନେଜର ରଞ୍ଜନ ଭୋକ୍ତା, ବଳରାମ ଦାସ, ଜୟକୃଷ୍ଣ ପ୍ରଧାନ, ତୃତୀୟା ପ୍ରଧାନ, ଶ୍ୟାମ ଶଙ୍କର ଗରିଆ, ଚାଷୀନେତା ଅକ୍ରୁର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ୩୪ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ବାବୁଲାଲ କର୍ମୀ, ଜଳେନ୍ଦ୍ର ମଲିକ, ଲିପୁ ଭୋଇ, ମୁକ୍ତେଶ୍ୱର ପ୍ରଧାନ, ଚାଷୀ ମନରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତୃତୀୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବୌଦ୍ଧ ସହରରେ ବିଏସ୍‌ଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

**ବୌଦ୍ଧ, ୧୯ ।୪(ସମିସ):** ବୌଦ୍ଧ ସହରର ବିଭିନ୍ନ ୱାର୍ଡରେ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସୀମା ସୁରକ୍ଷା ବଳ ଓ ବୌଦ୍ଧ ପୁଲିସ୍ ପକ୍ଷରୁ ମିଳିତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଲଦୀପ ମୀନାଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଥିଲା। ବୌଦ୍ଧ ଏନଏସିର ୧ ନଂ, ୨ ନଂ, ୩ ନଂ, ୫ନଂ, ୬ନଂ ଓ ୧୫ନଂ ୱାର୍ଡ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଇଥିଲା। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ପ୍ରମୁଖ ସାମିଲ ହୋଇଥିଲେ।

# ନାମଯଜ୍ଞ କର୍ତ୍ତାଙ୍କୁ ଗୁଳି କରିଥିବା ୩ ଅଭିଯୁକ୍ତ ଗିରଫ



**ବନ୍ଧୁକ ସହ ଗୁଳି ଜବତ**

**ଶଗଡ଼ା/ମନମୁଣ୍ଡା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବସ୍ୱରୀ ପଞ୍ଚାୟତର ପିପଲପାଲିରେ ନାମଯଜ୍ଞରେ କର୍ତ୍ତା ବିଶ୍ୱାମିତ୍ର ଜାନିଙ୍କୁ ଗୁଳି କରିଥିବା ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏମାନେ ହେଲେ ସାନ ରୁଣ୍ଡିମହୁଲ ଗ୍ରାମର ପ୍ରକାଶ ସାମନ୍ତରାୟ (୨୭), ମନମୁଣ୍ଡା ଥାନା ସାନମନମୁଣ୍ଡା ଗାଁର ବଳବନ୍ତ ନାୟକ (୨୧) ଓ ସୋନପୁର ଜିଲ୍ଲା ତରଭା ଥାନା ଦୁବୁଲା (ଦେହୁରୀ ଗୋଠ)ର କନକସିଂ ମାଝୀ (୨୧)। କଣ୍ଟାମାଳ ପୁଲିସ ଏମାନଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିଛି।

## କଂଗ୍ରେସ ଛାଡ଼ିଲେ ବିକ୍ରମ, ସୁଶୀଲ

**ବୌଦ୍ଧ, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପଦ ସହ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ବିକ୍ରମ ପ୍ରଧାନ ଇସ୍ତଫା ଦେଇଛନ୍ତି। ସେହିପରି ଜିଲ୍ଲା କଂଗ୍ରେସ କମିଟିର ଯୁବ ସଂଯୋଜକ ଓ ପ୍ରାଥମିକ ସଭ୍ୟ ପଦରୁ ସୁଶୀଲ ହୋତା ଇସ୍ତଫା ଦେଇଛନ୍ତି। ଉଭୟ ଜିଲ୍ଲା କଂଗ୍ରେସ ସଭାପତିଙ୍କ ପାଖକୁ ଇମେଲ୍ ଯୋଗେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ଦୀର୍ଘ ୧୫ ବର୍ଷ ହେଲା ଦଳରେ ରହି ଦଳୀୟ ସଂଗଠନ କରିବା ସହ ଯେତେବେଳେ ଯାହା ଦାୟିତ୍ୱ ଦିଆଯାଇଛି ସୂଚାରୁରୂପେ କରି ଆସୁଥିବା ବେଳେ ଗତ କିଛି ଦିନ ହେଲା ଦଳରେ ତାଙ୍କର କୌଣସି ଆବଶ୍ୟକତା ଉପଲବ୍ଧି ହେଲା ଭଳି ସେମାନେ ଅନୁଭବ କରୁ ନ ଥିବା ହେତୁ ଇସ୍ତଫା ଦେଇଥିବା ଏହି ଦୁଇ ନେତା ଦର୍ଶାଇଛନ୍ତି। ଏ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ମଧ୍ୟ ଇମେଲ ଯୋଗେ ଇସ୍ତଫା ପାତ୍ର ପଠାଇଥିବା ବିକ୍ରମ କହିଛନ୍ତି।





## ବିଜେଡିର ମାରାଥନ ପ୍ରଚାର



**ନୂଆପଡ଼ା, ୧୯।୪(ସମିସ):** ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ମାରାଥନ ପ୍ରଚାର ଚଳାଇଛନ୍ତି। ନୂଆପଡ଼ା ସଦର ବ୍ଲକର ପିପଲ ଛଣ୍ଡି, ଖଇରାନୀ, ଝାଞ୍ଜିମୁଣ୍ଡା, ଜାମଦରାହ, କୋଟେନ ଚୁଆଁ, ଛେଳିଲେଣ୍ଡି, ସୁନାରୀଟାଲ, ସିଆଲଟି, ତିଲେଇଝର, ପରସଖୋଲରେ ସେ ମାରାଥନ ପ୍ରଚାର କରିଛନ୍ତି। ବିଭିନ୍ନ ଜାଗାରେ ଜନସଭା କରିବା ସହ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଏଥିରେ ତାଙ୍କ ସହ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧକ୍ଷ ଦିଲୀପ ନିର୍ମଳକର ପ୍ରମୁଖ ସାମିଲ ଥିଲେ।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କଳାହାଣ୍ଡି ଗସ୍ତ | ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ସମୀକ୍ଷା



**ଭବାନୀପାଟଣା, ୧୯ ।୪(ସମିସ):** ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଗହଣରେ କଳାହାଣ୍ଡି ଜିଲ୍ଲା ଓ ନୂଆପଡ଼ା ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି। କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୈବଭ ସିଂ ଚୌହାନ, ଲାଞ୍ଜିଗଡ଼, ନର୍ଲା ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କେ ସୁରଜିତ ଏବଂ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସହ ନୂଆପଡ଼ା, ଖରିଆର ପାଇଁ ମନି ଶଙ୍କର ବରଦୋଲଇ ପ୍ରମୁଖ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତି ପାଇଛନ୍ତି। ବୈଠକରେ ୫ଟି ନିର୍ବାଚନ ମଣ୍ଡଳୀ ଓ ୧ଟି ଲୋକସଭା ଆସନ ପାଇଁ ୬ଜଣ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଆୟକର ବିଭାଗ, ସିଟିଜିଏସଟି ବିଭାଗ, ଅବକାରୀ ବିଭାଗ, ବନ ବିଭାଗ, ପରିବହନ ବିଭାଗ ଅଧିକାରୀଙ୍କ ସହ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, ସିଡିଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ, ଧର୍ମଗଡ଼ ଧିମନ୍ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ଡି ଆଇ ପି ଆର୍‌ଓ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଚୌହାନ ଏବଂ କେ ସୁରଜିତ ବିଭିନ୍ନ ଟିମ୍ ଭିଏସଟି, ଏସଏସଟି, ଭିଏସଟି, ଆକାଉଣ୍ଟ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାଡ୍, ଏମସିଏମସି ଟିମ୍‌ର ନୋଡାଲ ଅଧିକାରୀଙ୍କ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅଧିକାରୀଗଣ ନିଜ ଦାୟିତ୍ୱକୁ ଠିକ ଭାବେ ନିର୍ବାହ ସହ ଯେକୌଣସି ଆଚରଣ ବିଧି ଉଲ୍ଲଂଘନକୁ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଖର୍ଚ୍ଚ ସମ୍ବନ୍ଧିତ କିମ୍ବା ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ବିଷୟ ଉପରେ ଭୈବଭ ସିଂ ଚୌହାନଙ୍କୁ ୭୦୦୮୩ ୮୦୦୮୩, କେ ସୁରଜିତଙ୍କୁ ୬୩୭୦୪୪୯୬୪୫, ମନିଶଙ୍କର ବର୍ଦ୍ଦୋଲଇଙ୍କୁ ୭୬୦୬୯୭୭୨୬୩ ନମ୍ବରରେ ଅଭିଯୋଗ କରିପାରିବେ।

## ଦୁଇ ଦିନରେ ନାମାଙ୍କନପତ୍ର ନେଲେ ୧୪ ପ୍ରାର୍ଥୀ

**ଧର୍ମଗଡ଼ ବିଧାନସଭା ପାଇଁ ୮ ଓ ଜୁନାଗଡ଼ ବିଧାନସଭା ପାଇଁ ୬**

**ଧର୍ମଗଡ଼, ୧୯।୪(ସମିସ):** ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନ ପାଇଁ ମୋଟ ୧୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ନେଇଛନ୍ତି। ଗତକାଲି ଧର୍ମଗଡ଼ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସ୍ୱାଧୀନ ପ୍ରାର୍ଥୀ ଘନଶ୍ୟାମ ଅଗ୍ରୱାଲ, ହେମାଙ୍ଗିନୀ ହଂସ, ହେରାମ୍ବ ସେନାପତି ଓ ସରୋଜ ରଣା ନାମାଙ୍କନପତ୍ର ନେଇଥିଲେ। ଜୁନାଗଡ଼ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ତୁଲେଶ୍ୱର ନାଏକ, ସ୍ୱାଧୀନ ପ୍ରାର୍ଥୀ ଭାବେ ପରମେଶ୍ୱର କାଣ୍ଡ, ରବି ହରିଜନ, ସୁଧା ନିଧି ନାଏକ ନାମାଙ୍କନପତ୍ର ନେଇଥିଲେ। ଆଜି ଦ୍ୱିତୀୟ ଦିବସରେ ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନ ପାଇଁ ମୋଟ ୫ ଜଣ ନାମାଙ୍କନପତ୍ର ନେଇଛନ୍ତି। ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଓ ସ୍ୱାଧୀନ ପ୍ରାର୍ଥୀ ଟଙ୍କଧର ଶବର, ଏବଂ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଜେପି ପ୍ରାର୍ଥୀ ମନୋଜ କୁମାର ମେହେର ଓ ସ୍ୱାଧୀନ ପ୍ରାର୍ଥୀ ମଦନ ରାଉତ ନାମାଙ୍କନପତ୍ର ନେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିର୍ବାଚନ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରା ଓ ଧର୍ମଗଡ଼ ଥାନାଧିକାରୀ ଦାମୋଦର ବିହାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବ୍ୟବସ୍ଥା ସହିତ ପୁଲିସ ମୁତୟନ କରାଯାଇଛି।

## ବନାଗ୍ନି ରୋକିବା ପାଇଁ ବାଲୁକା କଳା ମାଧ୍ୟମରେ ସଚେତନତା

**କର୍ଲାମୁଣ୍ଡା, ୧୯।୪(ସମିସ):** ବନାଗ୍ନି ଗ୍ରୀଷ୍ମ ଋତୁର ପ୍ରବଳ ତାତିକୁ ଆହୁରି ଦ୍ୱିଗୁଣିତ କରୁଛି। ଆଇମା' ପିଲାବେଳେ ଜଙ୍ଗଲ ପୋଡ଼ିର ନିଆଁକୁ ଦେଖାଇ କହୁଥିଲା 'ଏଇ ଦେଖ ମାଙ୍କଡ଼ ବିହା' ଆମର ଏହି ଗୁଲିଗପ ବନ୍ୟଜନ୍ତୁଙ୍କ ପାଇଁ ତଥା ପରିବେଶ ପାଇଁ କେତେଯେ ବିପଦ ତାହା ସମସ୍ତେ ବୁଝିବା ନିହାତି ଦରକାର। ଲୋକମାନଙ୍କ ଖାମଖିଆଲି ମନୋଭାବ ପାଇଁ ଜଙ୍ଗଲ ପୋଡ଼ି ହୋଇଥାଏ। ଫଳରେ ଏହାର ପ୍ରଭାବରେ ବିଶ୍ୱତାପାୟନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡା ଗ୍ରାମର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ବାଲିରେ 'ଷ୍ଟପ୍ ଫରେଷ୍ଟ ଫାୟାର' ଶୀର୍ଷକ ସାତ ଫୁଟ ଉଚ୍ଚତା ବିଶିଷ୍ଟ ବାଲୁକା ଭାସ୍କର୍ଯ୍ୟ କଳା ନିର୍ମାଣ କରି ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି।




## ଏମ୍‌ଆଇ ଅଫିସ୍ ଗେଟ୍‌ରେ ବିପଦସଂକୁଳ ବିଦ୍ୟୁତ୍ ତାର

**କୋକସରା, ୧୯ ।୪(ସମିସ):** କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବ୍ଲକ ଯୋଗାଣ ନିରୀକ୍ଷକ(ଏମ୍‌ଆଇ) କାର୍ଯ୍ୟାଳୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗେଟ୍ ଆଗରେ ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଭାବେ ରହିଛି। ଫଳରେ ଲୋକଙ୍କ ଜୀବନ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦ ସୃଷ୍ଟି ହେଉଛି। ତଥାପି ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ପ୍ରତିଦିନ ଏହି ଦୁଇଟି ବିଭାଗକୁ ଶହ ଶହ ଲୋକେ କିଏ ରାସନ୍ ସମସ୍ୟା ନେଇ ତ ଆଉ କେହି ପାନୀୟଜଳ ସମସ୍ୟା ନେଇ ସମ୍ପୃକ୍ତ ବିଭାଗକୁ ଯାଇଥାନ୍ତି। ତେବେ ଏହି ବିଭାଗକୁ ଯିବା ମୁଖ୍ୟ ଗେଟ୍ ଆଗରେ ଅନେକ ଦିନରୁ ବିଦ୍ୟୁତ୍ ତା'ର ବିପଦପୂର୍ଣ୍ଣ ହୋଇ ରହିଛି। ଗେଟ୍ ମଧ୍ୟରେ ଅନେକ ବିଦ୍ୟୁତ୍ ତା'ର ଛନ୍ଦି ହୋଇ ରହିଥିବାବେଳେ ସର୍ଟସର୍କିଟ୍ ହେଲେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।





# ୫ ବର୍ଷ ହେଲା କୂଅଖୋଳା ଟଙ୍କା ମିଳୁନି

**ପୂର୍ବତନ ସରପଞ୍ଚଙ୍କ ବିରୋଧରେ ଲୋକପାଳଙ୍କୁ ଅଭିଯୋଗ**

**୭ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ହରଭଙ୍ଗା, ୧୯ ।୪(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ନାମରେ ବୌଦ୍ଧ ଲୋକପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ୨୦୧୯ରେ ତତ୍କାଳୀନ ଲୁଣିବାହାଲ ସରପଞ୍ଚ ବିଷ୍ଣୁ ଯାନି ମଧୁସୂଦନପୁର ଗ୍ରାମର କୈଳାଶ ଦଳବେହେରାଙ୍କୁ ଏକ ନୂତନ କୂଅ ଖୋଳିବା ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ହିତାଧିକାରୀ ଜଣଙ୍କ କୂଅ ଖୋଳି ସାରିଥିଲେ ମଧ୍ୟ ୫ ବର୍ଷ ହେଲା ଏ ବାବଦରେ ୩୪ହଜାର ଟଙ୍କା ପାଇ ପାରି ନାହାନ୍ତି। ତେଣୁ ସରପଞ୍ଚ ଏହା ଚଞ୍ଚକତା କରି ଟଙ୍କା ଖାଇଦେଇଥିବା ବେଳେ ନିଜର କୂଅ ବାବଦ ଟଙ୍କା ଫେରି ପାଇବାକୁ ହିତାଧିକାରୀ ଜଣଙ୍କ ବୌଦ୍ଧ ଲୋକପାଳ ବା ଏମଜିଏନଆରଜିଏସ ଆମ୍ବୁଡ୍ସମ୍ୟାନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହରଭଙ୍ଗା ବିଡ଼ିଓଙ୍କୁ ଘଟଣାର ତୁରନ୍ତ ତଦନ୍ତ କରି ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଲୋକପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ନର୍ଲା, ୧୯।୪(ସମିସ):** ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଶୁକ୍ରବାର ଅପରାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ ସାମ୍ବାଦିକ ତଥା ରୁପ୍ରାରୋଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଣାଙ୍କ ମାଆ ପଦ୍ମିନୀ ରଣା (୭୧)ଙ୍କ ପରଲୋକ ଘଟିଛି। ବରଗଡ଼ରୁ ମରଶରୀର ନିଜ ଗାଁ ବିଲାଟରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭିନ୍ନ ବର୍ଗର ଲୋକେ ଗାଁରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱାମୀ ବୀରକିଶୋର ରଣା, ଜ୍ୟେଷ୍ଠ ପୁତ୍ର ହେମକାନ୍ତ, ଚିତ୍ତରଞ୍ଜନ, ଚମ୍ପକଲାଲ୍ ଓ ନଳିନୀକାନ୍ତ, ଏକମାତ୍ର ଝିଅ ମୀରା, ସମସ୍ତ ପୁତ୍ରବଧୂ, ଜାମାତା, ନାତିନାତୁଣୀ, ସାମ୍ବାଦିକଗଣ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ହେମକାନ୍ତ ମୁଖାଗ୍ନି ଦେଇଥିଲେ।

